## ସଂକ୍ଷେପରେ

### ଲକ୍ଷେ ଟଙ୍କା ଲୁଟିନେଲେ ସାଇବର ଠକ

ଅନୁଗୋଳ ଅଫିସ, ୨୯।୮ - ତାଳଚେର ଓ କୋଲିୟରୀ ଥାନା ଅଞ୍ଚଳରେ ଦୁଇ ଜଣ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ତାଳଚେର ଥାନାରେ ସଂଯୁକ୍ତା ସାହୁଙ୍କ ଅଭିଯୋଗ କ୍ରମେ ନଂ. ୬୩୧/୨୨ଓ କୋଲିୟରୀ ଥାନାରେ ନାରଣ ହାଁସଦାଙ୍କ ଅଭିଯୋଗ କ୍ରମେ ନଂ. ୪୨୯/୨୨ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ସଂଯୁକ୍ତା ଅନ୍‌ଲାଇନ୍‌ରେ ଶପିଂ କରୁଥିବା ସମୟରେ ଠକଙ୍କ ହାବୁଡ଼ରେ ପଡ଼ିଥିଲେ। ଠକ ଜଣଙ୍କ ଯେଉଁ ଉପାୟରେ ଶପିଂ କରିବାକୁ କହିଥିଲେ ଯୁବତୀ ଜଣଙ୍କ ପରିଚାଳିତ ହୋଇଥିଲେ। ଫଳରେ ତାଙ୍କ ଆକାଉଣ୍ଟରୁ ୫୭ ହଜାର ୭୦୦ ଟଙ୍କା କଟିଯାଇଥିବା ସେ ଅଭିଯୋଗ କରିଛନ୍ତି। ସେହିପରି କୋଲିୟରୀ ଥାନା ଅଞ୍ଚଳର ନାରଣ ହାଁସଦା ଅନ୍‌ଲାଇନ୍‌ରେ ଏକ ସାମଗ୍ରୀ ମଗାଇଥିଲେ। ଫେରାଇବା ପରେ ତାଙ୍କ ଆକାଉଣ୍ଟକୁ ଟଙ୍କା ଫେରି ନ ଥିଲା। କଷ୍ଟମର କେୟାରକୁ ଫୋନ୍ କରିବା ପରେ ଠକ ହାବୁଡ଼ରେ ପଡ଼ିଥିଲେ। ଠକ ତାଙ୍କ ଆକାଉଣ୍ଟରୁ ୪୯ ହଜାର ୫୦୦ ଟଙ୍କା କାଟି ନେଇଯାଇଥିଲେ। ଉଭୟ ଥାନା ପକ୍ଷରୁ ମାମଲାର ତଦନ୍ତ କରାଯାଉଥିବା ଜଣାପଡ଼ିଛି।

### ଗଞ୍ଜେଇ ଜବତ, ୩ ଗିରଫ



ଛେଣ୍ଡିପଦା,୨୯।୮(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦାକୁ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଛେଣ୍ଡିପଦା ପୋଲିସ ଏକ ଅଲ୍‌ଟୋ କାର ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ବୌଦ୍ଧ ଜିଲାରୁ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଥାନା ଅଧିକାରୀ ଧୀରେନ କୁମାର ବେହେରା ଖବର ପାଇଥିଲେ। ପୋଲିସର ଏକ ଟିମ୍ ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ବନାଞ୍ଚଳ କାର୍ଯ୍ୟାଳୟ ନିକଟରେ ଛକି ରହିଥିଲା। ଏହି ସମୟରେ ଜରପଡା ଦିଗରୁ ଆସୁଥିବା ଅଲ୍ଟୋ କାର୍‌କୁ ସନ୍ଦେହରେ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ଉକ୍ତ କାରରେ ୪ ବସ୍ତା ଗଞ୍ଜେଇ ଥିବା ଦେଖି ମାଜିଷ୍ଟ୍ରେଟ ତଥା ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କାଙ୍କ ଉପସ୍ଥିତିରେ ତାହାକୁ ଜବତ କରିଥିଲେ। ଏଥିସହ ୩ ଜଣ ବୌଦ୍ଧ ଜିଲା ଓଲଣ୍ଡା ଅଞ୍ଚଳର ରମାକାନ୍ତ ନାୟକ (୨୩), ଭୋଳା ସ୍ୱାଇଁ (୧୮) ଓ ରେଢାଖୋଲ ଥାନା ଲାଣ୍ଡିମାଳର ବବୁଲ ଲୁହା(୨୬)ଙ୍କୁ ଗିରଫ କରାଯାଇଥିଲା। ଏ ନେଇ ନଂ. ୪୧୫/୨୨ରେ ଏନ୍‌ଡିପିଏସ୍ ଆକ୍ଟରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।

### ମଲ୍ ସିଲ୍ କଲା ପୌରପାଳିକା

ଅନୁଗୋଳ ଅଫିସ,୨୯।୮ - ଅନୁଗୋଳ ଗାନ୍ଧୀମାର୍ଗରେ ବେଆଇନ ଭାବେ ଗଢି ଉଠିଥିବା ଏକ ମଲ୍‌କୁ ପୌରପାଳିକା ପକ୍ଷରୁ ସିଲ୍ କରାଯାଇଛି। ସିଲ୍ ହୋଇଥିବା ମଲ୍‌ଟି ଅନୁଗୋଳ -ତାଳଚେର-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା) ନିକଟରୁ ଗୋଟିଏ ମହଲାର ଅନୁମତି ଆଣିଥିଲେ ହେଁ ଏହାକୁ ବେଆଇନ ଭାବେ ୩ ମହଲା କରିଥିଲା। ଏଥିସହ ଟ୍ରେଡ୍ ଲାଇସେନ୍ସ ମଧ ନ ଥିଲା। ଏ ନେଇ ମଲ୍ ମାଲିକଙ୍କୁ ଅବଗତ କରାଯାଇଥିଲେ ମଧ ସେ ଖାତିର କରି ନ ଥିଲେ। ଫଳରେ ଅନୁଗୋଳ ପୌରପାଳିକା ଓ ତାମଡା ପକ୍ଷରୁ ସନ୍ଧ୍ୟାରେ ମଲ୍‌କୁ ସିଲ୍ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି।

# ସାଜସଜ୍ଜାରେ ଶେଷ ସ୍ପର୍ଶ



ତାଳଚେର, ୨୯।୮ (ନି.ପ୍ର.)

- ଗଣପର୍ବ ଗଣେଶ ପୂଜାକୁ ନେଇ ତାଳଚେରରେ ଉତ୍ସାହ
- ୨ ବର୍ଷ ବନ୍ଦ ରହିବା ପରେ ଏଥର ଧୁମ୍‌ଧାମରେ ଆୟୋଜନ
- ଭସାଣିରେ ଶୃଙ୍ଖଳା ରକ୍ଷା ଉପରେ ଦିଆଯାଇଛି ଗୁରୁତ୍ୱ

ଦିନଟିଏ ପରେ ଗଣପର୍ବ ଗଣେଶ ପୂଜା। ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ସାଜସଜ୍ଜା। ମୂର୍ତ୍ତିଠାରୁ ତୋରଣଯାଏ ଶେଷ ସ୍ପର୍ଶ ଦିଆଯାଉଥିବା ବେଳେ ଉତ୍ସାହିତ ହୋଇପଡ଼ିଛନ୍ତି ତାଳଚେରବାସୀ। ୨ ବର୍ଷ ପରେ ଧୁମ୍‌ଧାମରେ ପ୍ରଭୁ ବିଘ୍ନ ବିନାଶନଙ୍କ ପୂଜା ପାଇଁ ଅନୁମତି ମିଳିଥିବାରୁ ଆୟୋଜନରେ ଲାଗିପଡ଼ିଛନ୍ତି ସମସ୍ତେ।

ଚଳିତବର୍ଷ ତାଳଚେର ସହରରେ ଶହେରୁ ଉର୍ଦ୍ଧ୍ୱ ମଣ୍ଡପରେ ହେବ ଗଜାନନଙ୍କ ପୂଜା। ଏଥିପାଇଁ ପ୍ରତ୍ୟେକ ମଣ୍ଡପରେ ପ୍ରସ୍ତୁତି କାର୍ଯ୍ୟ ସରିବା ଉପରେ। ଗତ ଦୁଇ ବର୍ଷ ହେଲା କରୋନା କଟକଣା ଯୋଗୁ ପୂଜା ବନ୍ଦ ରହିଥିବାରୁ ଚଳିତବର୍ଷ ବଡ଼ ଧରଣର ଆୟୋଜନ କରାଯାଇଛି। ବିଶେଷକରି ମଣ୍ଡପଗୁଡ଼ିକରେ ମୂର୍ତ୍ତି ଓ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ବାହାରୁ କାରିଗରଙ୍କୁ ଡକାଯାଇ ସୁନ୍ଦର ତୋରଣମାନ ନିର୍ମାଣ କରାଯାଇଛି। ଆଖି ଝଲସାଇ ଦେବା ଭଳି ଆଲୋକ ଲଗାଯାଇଛି। ଭସାଣିରେ ରାଜ୍ୟର ଛାମୁଆଁ ବାଦ୍ୟ ପାର୍ଟିକୁ ସାମିଲ କରାଯିବାର ଯୋଜନା ରହିଛି। ଅପରପକ୍ଷରେ ପୂଜା ଓ ଭସାଣିକୁ କିପରି ଶୃଙ୍ଖଳିତ କରାଯିବ ସେଥିପାଇଁ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି। ସମସ୍ତ ପୂଜା କମିଟିଙ୍କୁ ନେଇ ଘନ ଘନ ବୈଠକ କରାଯାଇଛି। ନିର୍ଦ୍ଧାରିତ ହୋଇଥିବା ନିୟମଗୁଡିକ ପାଳନ କରିବା ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଅନ୍ୟ କମିଟି ଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସେହିପରି ପୂଜା ବେଳେ ବିଦ୍ୟୁତ୍, ଜଳ ଓ ପରିମଳ ବ୍ୟବସ୍ଥାକୁ ଠିକ୍ ରୂପେ ପରିଚାଳନା କରାଯିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି। ମୂର୍ତ୍ତିଗୁଡିକ ବିସର୍ଜନ ନିମନ୍ତେ ବ୍ରାହ୍ମଣୀ ନଦୀକୂଳରେ ଦୁଇଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି।

#### ୪୪ କମିଟି ନାମ ପଞ୍ଜୀକରଣ କରିଛନ୍ତି



ଆଗାମୀ ଗଣେଶ ପୂଜା ଓ ଭସାଣି ଉତ୍ସବ ପାଇଁ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ୪ଟି ବୈଠକ ଅନୁଷ୍ଠିତ ହୋଇଛି। କ ବିଭାଗରେ ୧୨, ଖ ବିଭାଗରେ ୩୨ ପୂଜା କମିଟି ନାମ ପଞ୍ଜୀକରଣ କରିଛନ୍ତି। ପୂଜା ଓ ଭସାଣିକୁ ଶୃଙ୍ଖଳାର ସହ ପାଳନ ପାଇଁ ଅନୁରୋଧ କରାଯାଇଛି।

**-କେଶବ ଭୂତିଆ, କେନ୍ଦ୍ରୀୟ ପୂଜା କମିଟି ସଭାପତି**

#### ପୂର୍ବାହ୍ନ ୧୦ଟାରୁ ଭସାଣି



ପୂଜା ଓ ଭସାଣିକୁ ଅଧିକ ଶୃଙ୍ଖଳିତ ଓ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ କମିଟିର ୨ ଜଣ ଲେଖାଏ ସଦସ୍ୟଙ୍କୁ ସ୍ୱେଚ୍ଛାସେବୀ ଭାବେ ମନୋନୀତ କରାଯାଇଛି। ପାର୍କିଂ ପାଇଁ ୫ଟି ସ୍ଥାନ ନିରୂପଣ କରାଯାଇଛି। ପୂର୍ବାହ୍ନ ୧୦ ଘଟିକା ସୁଦ୍ଧା ଭସାଣି ଶୋଭାଯାତ୍ରା ଆରମ୍ଭ ହେବ।

**-ବିଶ୍ୱରଞ୍ଜନ ରଥ, ଉପଜିଲାପାଳ, ତାଳଚେର**

#### ଅଧିକ ପୋଲିସ ବ୍ୟବସ୍ଥା ହୋଇଛି

ସମସ୍ତ କମିଟିକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ହିଙ୍ଗୁଳା ଯାତ୍ରାର ଅଭିଜ୍ଞତାକୁ ଆଖିଆଗରେ ରଖି ବିଗତ ବର୍ଷ ତୁଳନାରେ ଚଳିତବର୍ଷ ପୂଜା ଓ ଭସାଣି ପାଇଁ ଅଧିକ ଫୋର୍ସ ଓ ଅଫିସର ନିୟୋଜିତ ବ୍ୟବସ୍ଥା ହୋଇଛି।

**-ଏସ୍. ସ୍ୱାତୀକୁମାର, ଏସ୍‌ଡିପିଓ**

#### ଏବର୍ଷ ଜାକଜମକରେ ପୂଜା

ପୂଜା ଏବର୍ଷ ବହୁ ଜାକଜମକରେ ହେବ। ମଣ୍ଡପରେ ଗଣେଶଙ୍କ ସହ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାନ ପାଇବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ କାହାଣୀ ଉପରେ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀ କରାଯିବ।

**-ଗଣେଶ୍ୱର ସାହୁ, ସଭାପତି, ବଉଳଛକ ପୂଜା କମିଟି**

#### ଗଣେଶଙ୍କ ରାଜ ଦରବାର



ଚଳିତବର୍ଷ ୧୦ ଫୁଟର ମୂର୍ତ୍ତି ପୂଜା କରାଯିବ। ଗଣେଶଙ୍କ ରାଜ ଦରବାର ଏଥିରେ ଦର୍ଶାଯିବ। ଟାଉନର ମୁନା ବାବୁ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ନେଇଛନ୍ତି। ଏବର୍ଷ ମଧ ପ୍ରସାଦ ସେବନ ବ୍ୟବସ୍ଥା ରହିଛି।

**-ପ୍ରକାଶ ଚନ୍ଦ୍ର ମୁଦୁଲି, ସାଧାରଣ ସମ୍ପାଦକ, ତାମ୍ରିତ ମାର୍କେଟ**

## ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ

ବଇଣ୍ଡା, ୨୯।୮ (ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପାଠାରେ ସୋମବାର ବ୍ୟାଙ୍କ ଅଫ୍ ବରୋଦାର ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଲବ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାହାଜାନ ଖାଁ, ମନୋରଞ୍ଜନ ସାହୁ, ରାକେଶ ନାୟକ, ବାବୁଲି ସାହୁ, ରାମଚନ୍ଦ୍ର ପ୍ରଧାନ, ସୁଧୀର ପ୍ରଧାନ ଯୋଗ ଦେଇଥିଲେ। ଗ୍ରାହକ ସେବାକେନ୍ଦ୍ରର ପରିଚାଳକ ଚିନ୍ମୟ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତ ଗ୍ରାହକଙ୍କୁ କିଭଳି ସୁବିଧା ମିଳିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।




ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅତିଥିମାନେ।

## ହସ୍ତତନ୍ତ କର୍ମଶାଳା ଉଦ୍‌ଘାଟିତ

ମାଧପୁର, ୨୯।୮

ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତର ବେଲପୁଞ୍ଜି ହସ୍ତତନ୍ତ କ୍ଲଷ୍ଟର ପ୍ରାଙ୍ଗଣରେ କୋଷିସ ଆନୁକୂଲ୍ୟରେ ଏକ ସଚେତନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଭାରତୀୟ ଉଦ୍ୟମିତା ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁବ୍ରତ କୁମାର ବିଶ୍ୱାଳ ଉଦ୍‌ଘାଟନ କରି ହସ୍ତତନ୍ତ ଦ୍ୱାରା କିପରି ବୁଣାକାରମାନେ ନିରନ୍ତର ଭାବରେ ଜୀବିକା ବୃଦ୍ଧି କରିପାରିବେ ସେ ନେଇ ବୁଣାକାରମାନଙ୍କୁ ସଚେତନ କରାଇଥିଲେ। ଏହାସହିତ ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଶୁଣି ସେଥିପାଇଁ ସହାୟତା ସମ୍ପର୍କରେ ବୁଝାଇଥିଲେ। ଏହି ସଚେତନତା ଶିବିରରେ ପ୍ରାୟ ୭୦ ଜଣ ବୁଣାକାର ସହ କୋଷିସର ପ୍ରତିନିଧିମାନେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

କଣିହାଁ, ୨୯।୮ (ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ କପିଳେଶ୍ୱର ମନ୍ଦିର ପରିସରରେ ଲକ୍ଷ୍ମୀ ବଜାର ବଣିକ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପବିତ୍ର ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବାର୍ଷିକ ଆୟାବ୍ୟୟ,ବଜାର ବାସିନ୍ଦାଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଓ ଚଳିତବର୍ଷ ଲକ୍ଷ୍ମୀ ପୂଜା ପାଇଁ ପ୍ରାକ୍ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ସମ୍ପାଦକ ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ବିକାଶ ଅଗ୍ରୱାଲ, ପୂର୍ବତନ ସଭାପତି ଶତ୍ରୁଘ୍ନ ପ୍ରଧାନ, ଅକ୍ଷୟ ସାହୁ, ଉଗ୍ରସେନ ଖିଲାର, ପ୍ରଦୀପ ସାହୁଙ୍କ ସମେତ ବଣିକ ସଙ୍ଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

ଛେଣ୍ଡିପଦା,୨୯।୮(ସ୍ୱ.ପ୍ର.)

ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ବ୍ଲକ ସଭାଗୃହରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସିପ୍ରା ସାହୁଙ୍କ ସହ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ବିଡିଓ ତ୍ରିବିକ୍ରମ କୁମରା, ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ପ୍ରମୁଖ ଯୋଗଦେଇ ରୋଗୀଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ପରାମର୍ଶ ଦେଇଥିଲେ। ନୂତନ ଡାକ୍ତର ନିଯୁକ୍ତି, ହାଇମାଷ୍ଟ ଲାଇଟ ଆଦି ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦିଆଯାଇଥିଲା। ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ସୁଦୀପ୍ତ ପ୍ରଧାନ, ନଗେନ ନନ୍ଦ, ତ୍ରିନାଥ ବେହେରା, ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ବଇଣ୍ଡା, ୨୯।୮ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ରବିବାର ଉରୁକୁଳା ପଞ୍ଚାୟତ ଡ୍ରାଇଭର ମହାସଂଘର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ବ୍ଲକ ଡ୍ରାଇଭର ମହାସଂଘ ସଭାପତି ମନୋରଞ୍ଜନ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ସଞ୍ଜୀବ କୁମାର ସାହୁ, ଉପସଭାପତି ବ୍ରଜ ମୋହନ ମାଝି, ଦିପୁନ କୁମାର ସାହୁ, ଗଣେଶ୍ୱର ରାଉଳ, ସୁଶାନ୍ତ ନାୟକ, ରିତେଶ କୁମାର ସାହୁ, ରାଜୁ ସାହୁଙ୍କ ସମେତ ବହୁ ଚାଳକ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ବହୁ ସମସ୍ୟା ଥିଲେ ମଧ ସମାଧାନ ହେଉନାହିଁ। ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରାଯିବ।



ବୈଠକରେ ଉପସ୍ଥିତ ସଂଘ କର୍ମଚାରୀମାନେ।

## ଘୁଷୁରି ମାଲିକଙ୍କୁ ମାଡ଼ ଅଭିଯୋଗ

ଅନୁଗୋଳ ଅଫିସ, ୨୯।୮

ଅନୁଗୋଳ ଥାନା ମାଟିଆ ସାହିରେ ରହୁଥିବା ବାସୁ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଲଳିତା ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ମାଟିଆସାହିର ବାସୁ ରବିବାର ହାଟକୁ ଯାଇ ସେଠାରେ ଘୁଷୁରି କାଟୁଥିବା ଭରତ ପ୍ରଧାନଙ୍କୁ କାହିଁକି ଘୁଷୁରି ଚୋରି କରି ଆଣିଛ ବୋଲି ପଚାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଭରତ ଟାଙ୍ଗିଆରେ ଆକ୍ରମଣ କରିଥିବା ବାସୁ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ତାଙ୍କ ସ୍ତ୍ରୀ ବିରୋଧ କରିବାରୁ ତାଙ୍କୁ ମଧ ଆକ୍ରମଣ କରାଯାଇଥିବା ଦର୍ଶାଇବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଛେଣ୍ଡିପଦା,୨୯।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସଭାଗୃହ ଠାରେ ମିଶନଶକ୍ତି ପକ୍ଷରୁ କୁକୁଡା ଓ ଛେଳି ଚାଷ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡିଓ ତ୍ରିବିକ୍ରମ କୁମୁରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ପ୍ରାଣୀଧନ ଚିକିତ୍ସାଧିକାରୀ ବିକାଶ କୁମାର ବେହେରା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଶିଲା କେମୋଲିନ ସୁରେଙ୍ଗ ପ୍ରମୁଖ ଯୋଗଦେଇ ମିଶନ ଶକ୍ତି ମାଧମରେ କିପରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିବେ ସେ ନେଇ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୧ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମିଶନ ଶକ୍ତି ସଂଯୋଜକ ତପନ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟାଦେଶ ବଣ୍ଟନ ସଭାରେ ଅତିଥିମାନେ।

## ୧୯୭ ଛାତ୍ରୀଛାତ୍ରଙ୍କୁ ପୋଷାକ ପ୍ରଦାନ

ବଇଣ୍ଡା, ୨୯।୮ (ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚତମ୍ବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ୧୪୬ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ କବିତା ଭୋଇ, ଭବାନୀ ଶଙ୍କର ପ୍ରଧାନ, ରଶ୍ମୀ ବେହେରା, ସରସ୍ୱତୀ ଦେହୁରୀ, ସୁବଳ ସାହୁ, ଦୋଳ ମହାଳିକ, ଜ୍ୟୋସ୍ନାମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଶରଧାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପୋଷାକ ବଣ୍ଟନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ସରପଞ୍ଚ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୫୧ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମିତିସଭ୍ୟା ମାନସୀ ପ୍ରଧାନ, ବିଦ୍ୟାଳୟର ସଭାପତି ମନୋରଞ୍ଜନ ପ୍ରଧାନ, ରତ୍ନାକର ପ୍ରଧାନ ଯୋଗଦେଇ ପୋଷାକ ବଣ୍ଟନ କରିଥିଲେ।



ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୋଷାକ ବଣ୍ଟନ କରୁଛନ୍ତି।

## ରାସ୍ତା ପୁନଃନିର୍ମାଣ ଦାବିରେ ୫ରୁ ଆନ୍ଦୋଳନ

କଣିହାଁ, ୨୯।୮ (ଡି.ଏନ.ଏ.)

କଣିହାଁ-ଗୋଡ଼ିବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବ୍ଲକର ୨୬ଟି ପଞ୍ଚାୟତ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ। ଜାତୀୟ ରାଜପଥ ୫୩ର ଏହା ଅଂଶ ବିଶେଷ। କିନ୍ତୁ ଭାରିଯାନ ଚଳାଚଳ ଦ୍ୱାରା ହରିହରପୁର ପଞ୍ଚାୟତର ୧୪ଟି ଗ୍ରାମର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୂର୍ବରୁ ପ୍ରଶାସନ ଓ ଖଣି କମ୍ପାନୀକୁ ଅବଗତ କରାଯାଇଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଆସନ୍ତା ୫ ତାରିଖରୁ ଆନ୍ଦୋଳନ କରାଯିବ ବୋଲି ପବିତ୍ରନଗର ମଣ୍ଡଳ ଭାଜପା ପକ୍ଷରୁ ତାଳଚେର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ରାସ୍ତାର ପୁନଃନିର୍ମାଣ, ଭାରିଯାନ ଚଳାଚଳ ବନ୍ଧ କରାଯିବା, ଜାତୀୟ ରାଜପଥ ବିଭାଗକୁ ଏହାକୁ ହସ୍ତାନ୍ତର, କଳ କାରଖାନା ପାଇଁ ସ୍ୱତନ୍ତ୍ର ପରିବହନ ରାସ୍ତା ନିର୍ମାଣ ଆଦି ଦାବି କରାଯାଇଛି। ଭାଜପା ନେତା ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ମଣ୍ଡଳ ସଭପତି ତ୍ରିପୁର ପ୍ରଧାନ, ଆଡଭୋକେଟ ଅର୍ଜୁନ ଭୂତିଆ, ମଣ୍ଡଳ ସଭପତି ପ୍ରହଲ୍ଲାଦ ସାମଲ, ସମିତି ସଭ୍ୟା ପୁଷ୍ପଲତା ପ୍ରଧାନ, ପଣ୍ଡିତ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପ୍ରତି ୱାର୍ଡରେ ମିଳିବ ଶୁଦ୍ଧ ପାନୀୟ ଜଳ

ଅନୁଗୋଳ ଅଫିସ, ୨୯।୮

**ପୌରପରିଷଦ ବୈଠକ ଅନୁଷ୍ଠିତ**

ଅନୁଗୋଳ ପୌରପରିଷଦର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପ ନଗରପାଳ ଅନୁପମା ସାହୁ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ। ତେବେ ତିନି ଦିନ ତଳେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆସି ସ୍ୱେଶାଲ କାଉନସିଲ ବୈଠକ କରିଥିବାରୁ ତାଙ୍କୁ ପ୍ରାରମ୍ଭରେ ଧନ୍ୟବାଦ ଦିଆଯାଇଥିଲା।

ପୌରପାଳିକାର ଏହି ବୈଠକରେ ସହରର ବିକାଶ ସମ୍ପର୍କରେ ବହୁ ଆଲୋଚନା ହୋଇଥିଲା। ସ୍ୱାୟତ୍ତଃ ଶାସନ ଦିବସ ଠାରୁ ମାଗଣାରେ ପ୍ରତି ୱାର୍ଡରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ସ୍ଥିର କରାଯାଇଥିଲା। ସହରର ପୋଖରୀଗୁଡ଼ିକର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ, ହୁଲୁରିସିଂହା, ହରିମହୁରୀ ଛକ, ବୁଢ଼ୀ ଠାକୁରାଣୀ ଛକ, ଥାନା ଛକ, ଅଗ୍ନିଶମ ବିଭାଗ ଛକ, ଶିମିଳିପଡ଼ା, ଡିଆସି, ହେମସୁରପଡ଼ା, ଶିକ୍ଷକପଡ଼ାରେ ଥିବା ରେଳ ଷ୍ଟେଶନକୁ ଯିବାକୁ ଥିବା ଛକର ସୌନ୍ଦର୍ଯ୍ୟକରଣ ପାଇଁ କାଉନସିଲରମାନେ ପ୍ରସ୍ତାବ ଦେଇଥିଲେ। ସେହିପରି ହେମସୁରପଡ଼ାରେ ଥିବା ସମସ୍ତ ସାହି, ବସ୍ତି ଓ ପଡ଼ାକୁ ଉଚ୍ଛେଦ କରି ଲେନ୍ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଟାଉନ୍ ହାଇସ୍କୁଲ ପଡ଼ିଆ ସମ୍ମୁଖରେ ପୌରପାଳିକାର ଶଶ୍ମାନ ନିର୍ମାଣ ପାଇଁ ପୂର୍ବରୁ ଥିବା ପ୍ରସ୍ତାବକୁ ରଦ୍ଦ କରାଯାଇଥିଲା। ଆଉ କୌଣସି ସ୍ଥାନରେ ଶଶ୍ମାନ କରା ନ ଯାଇ କରଡ଼ାଗାଡ଼ିଆ ଶଶ୍ମାନରେ ଶବଦାହ କରିବାକୁ ଆଲୋଚନା ହୋଇଥିଲା। ସହର ମଧ୍ୟରେ ଯାଇଥିବା କେନାଲ ହୁଡ଼ାର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏ ନେଇ ଆଗାମୀ ଦିନରେ ଉପଜିଲାପାଳଙ୍କୁ କାଉନସିଲରମାନେ ସାକ୍ଷାତ କରିବେ। ତାଙ୍କ ଅଧ୍ୟକ୍ଷତରେ ବିଦ୍ୟୁତ୍, ପୂର୍ତ୍ତ ଓ ପିଏଚଡି ଅଧିକାରୀଙ୍କୁ ଡକାଇ ଏକ ସମନ୍ୱୟ ବୈଠକ କରାଯିବାକୁ ଯୋଜନା ହୋଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡକୁ ଭଙ୍ଗାଯାଇ ନୂଆ ଅତ୍ୟାଧୁନିକ ମାର୍କେଟ କରିବାକୁ ପ୍ରସ୍ତାବ ପ୍ରଦାନ ଦିଆଯାଇଥିଲା। ଏଥିସହ ସ୍ୱାୟତ୍ତଃ ଶାସନ ଦିବସକୁ କିପରି ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା।

## କୁଦଗାଁ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ

ମାଧପୁର,୨୯।୮

ଆଠମଲ୍ଲିକ ବ୍ଲକ କୁଦଗାଁ ଟାପୁର ବନ୍ୟା ବିପନ୍ନ ଜନସାଧାରଣଙ୍କୁ ଭାଜପା ପକ୍ଷରୁ ରିଲିଫ ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁଙ୍କ ନେତୃତ୍ୱରେ ଜିଲା ଯୁବମୋର୍ଚ୍ଚା ଉପସଭାପତି ମନୋଜ ପ୍ରଧାନ, ଆଇନଜୀବୀ ପ୍ରାଣବନ୍ଧୁ ମେଣ୍ଢୁଲି, ଅର୍ଜୁନ ରାଉଳ, ବରିଷ୍ଠ ନେତା ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ ସମିତିସଭ୍ୟ ବିଜୟାନନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ମହାଖୁଡ, ନିରଞ୍ଜନ ବାଘ ପ୍ରମୁଖ କୁଦଗାଁର ବନ୍ୟା କ୍ଷତିଗ୍ରସ୍ତଙ୍କୁ ଭେଟି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। କୁଦଗାଁ ପଞ୍ଚାୟତର ୧୫୦ ପରିବାରକୁ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି।



ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ୫୬ ଅଭିଯୋଗର ଶୁଣାଣି

**ଅନୁଗୋଳ ଅଫିସ,୨୯।୮:** ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟରୁମ୍‌ଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଯୋଗ ଦେଇଥିଲେ। ଦାଖଲ ସମୁଦାୟ ୫୬ଟି ଅଭିଯୋଗରୁ ୫୩ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଦିଲୀପ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### କୁଟୁରା ମାଂସ ଜବତ, ଶିକାରୀ ଗିରଫ



**ଛେଣ୍ଡିପଦା,୨୯।୮(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ବନାଞ୍ଚଳ କର୍ମଚାରୀମାନେ ସୋମବାର ସଂରକ୍ଷିତ ଜଙ୍ଗଲରୁ କୁଟୁରା ମାଂସ ଓ ବନ୍ଧୁକ ଜବତ କରିବା ସହିତ ଜଣେ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲଣ କରିଛନ୍ତି। ଗିରଫ ଶିକାରୀ ହେଲେ ଠାକୁରଗଡ଼ ଥାନା ସପଘରା ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମର ନଥ ସେଠୀ। ବନ ବିଭାଗ ସୂତ୍ରରୁ ପ୍ରକାଶ, ଜରପଡା ଫରେଷ୍ଟର ଶ୍ରୀନିବାସ ପ୍ରଧାନ ଏବଂ କେତେଜଣ କର୍ମଚାରୀ କତଡ଼ା ୧ ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ନଥ ସେଠୀଙ୍କୁ ଦେଖି ପଚରା ଉଚରା କରିଥିଲେ। ପଚରା ଉଚରା ପରେ ନଥ ସେଠୀ ଶିକାର କରି ଆଣିଥିବା କୁଟୁରା ମାଂସ ସହ ଦେଶୀ ବନ୍ଧୁକ ଜବତ କରିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହିତ ଗିରଫ ନଥଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ନଦୀକୂଳରେ ନବଜାତ ଶିଶୁ କନ୍ୟାର ମୃତଦେହ

**ଛେଣ୍ଡିପଦା,୨୯।୮(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ରାଇପାଳ ଗ୍ରାମସ୍ଥିତ ଆଉଁଳି ନଦୀରୁ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ସୋମବାର ଉଦ୍ଧାର ହୋଇଛି। ଘଟଣାରୁ ପ୍ରକାଶ, ପାତ୍ରପଡା ପଞ୍ଚାୟତ ରାଇପାଳ ଗ୍ରାମ ନିକଟସ୍ଥ ଆଉଁଳି ନଦୀ ପୋଲ ନିକଟରେ ଏକ ନବଜାତ ଶିଶୁକନ୍ୟାର ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଘଟଣା ପ୍ରଚାରିତ ହେବା ପରେ ସେଠାରେ ଭିଡ ଜମିଥିଲା। ଖବରପାଇ ଶିଶୁକନ୍ୟାଙ୍କ ଆଈ ସେଠାରେ ପହଞ୍ଚି ମୃତଦେହ ନେଇଯାଇଥିଲେ। ଜରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଟି ଜନ୍ମ ହୋଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ରାତି ପ୍ରାୟ ୧୨ଟା ବେଳେ ଗାଁକୁ ଆସୁଥିବା ବେଳେ ମୃତଦେହକୁ ନଦୀକୁ ଫିଙ୍ଗି ଦେଇଥିବା ଜଣାପଡ଼ିଛି। ତେବେ ମୃତଦେହକୁ ପୋତି ଦିଆଯିବ ବୋଲି ତାଙ୍କ ଆଈ ପ୍ରକାଶ କରିଛନ୍ତି।

### ଶିଶୁମନ୍ଦିରରେ କ୍ରୀଡ଼ା ଦିବସ

**ତାଳଚେର, ୨୯।୮ (ନି.ପ୍ର.):** ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କିମ୍ବଦନ୍ତୀ ହକି କ୍ରୀଡ଼ାବିତ୍ ମେଜର୍ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପ୍ରଧାନ ଆଚାର୍ଯ୍ୟ ଦେହୁରୀ ପୁରସ୍କୃତ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ବୀରେନ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଶରତ ଚନ୍ଦ୍ର ଦାସ, ବିଷ୍ଣୁଚରଣ ମହାପାତ୍ର, କୁମୁଦ ଚନ୍ଦ୍ର ବେହେରା, ଦମୟନ୍ତୀ ନନ୍ଦ, କୁମୁଦ ଚନ୍ଦ୍ର ସାହୁ, ମୋନାଲିସା ମହାନ୍ତି, ସଞ୍ଜୟ ସାଲିମା, ପବିତ୍ର ସାହୁଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ଆଚାର୍ଯ୍ୟ କୁମୁଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସାମାଜିକଙ୍କୁ ଉଠାଇନେବାକୁ ଚିଠା

**ଅନୁଗୋଳ ଅଫିସ, ୨୯।୮**

- ପାର୍ବଣ ବେଳେ ଆଇନଶୃଙ୍ଖଳା ଚିନ୍ତା
- ଅନୁଗୋଳ ପୋଲିସର ସ୍ୱତନ୍ତ୍ର ଡ୍ରାଇଭ୍
- ଜିଲାର ସବୁ ଥାନା ଅଞ୍ଚଳରେ ଯାଞ୍ଚ



ପାର୍ବଣରେ ଗହଳି ହେବ। ସହରରେ ସହସ୍ରାଧିକ ଲୋକଙ୍କ ଭିଡ଼ ଜମିବ। ଆଉ ଏହାକୁ ସୁଯୋଗ ଭାବେ ନେଇ ଅସାମାଜିକମାନେ ସକ୍ରିୟ ହୋଇପଡ଼ିବେ। ଫଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ିଯିବାର ଆଶଙ୍କା ରହିଛି। ଏହାକୁ ନଜରରେ ରଖି ଅନୁଗୋଳ ଜିଲା ପୋଲିସ ପ୍ରଶାସନ ସତର୍କ ହୋଇଉଠିଛି। ଜିଲାର ୨୩ଟି ଥାନା ଅଞ୍ଚଳରେ ଯାନବାହାନ ଯାଞ୍ଚ ଆରମ୍ଭ ହୋଇଛି। ଆପରାଧିକ କାର୍ଯ୍ୟରେ ଜଡ଼ିତ ରହୁଥିବା ବ୍ୟକ୍ତିମାନଙ୍କ ଉପରେ ନଜର ରଖାଯାଇଛି। ଏପରି କି ଶହେରୁ ଅଧିକ ଆସାମାଜିକଙ୍କୁ ଉଠାଇବାକୁ ପୋଲିସ ଚିଠା ପ୍ରସ୍ତୁତ କରିଥିବା ସୂଚନା ମିଳିଛି।

ଦିନଟିଏ ପରେ ଗଣେଶ ପୂଜା। ସହରରେ ପାର୍ବଣର ପରିବେଶ ସୃଷ୍ଟି ହୋଇସାରିଛି। ହେଲେ ଜିଲାରେ କିଛିଦିନ ହେଲା ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଚୋରି, ଡକାୟତି, ଲୁଟ୍ ଆଦି ଘଟଣା ଜିଲା ପୋଲିସର ନିଦ ହଜାଇ ଦେଇଛି। ସେହିପରି ନିଶା ସାମଗ୍ରୀ କାରବାର ବୃଦ୍ଧି ପାଉଛି। ବିଶେଷକରି ବ୍ରାଉନସୁଗାର କାରବାର ଏବେ ସହର ଠାରୁ ଆରମ୍ଭ କରି ଗାଁ ଯାଏ ପହଞ୍ଚିଲାଣି। ଏହାଛଡ଼ା ଚୋରା ମଦ, ଗଞ୍ଜେଇ ବିକ୍ରିକୁ ରୋକାଯାଇ ପାରୁ ନାହିଁ। ତେଣୁ ପାର୍ବଣ ବେଳେ ଆଇନଶୃଙ୍ଖଳାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସମସ୍ତ ଥାନା ଅଞ୍ଚଳରେ ନାକା ଲଗାଯାଇଛି। ଯାତାୟାତ କରୁଥିବା ଯାନବାହନ ଗୁଡ଼ିକୁ ଯାଞ୍ଚ କରାଯାଉଛି। ଜିଲାର ପ୍ରବେଶ ପଥ ସହ ଅନୁଗୋଳ ସହରରେ ତନଖି ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ଅନୁଗୋଳ ଜିଲାରେ ବିଭିନ୍ନ ସମୟରେ ଆପରାଧିକ କାର୍ଯ୍ୟରେ ଜଡ଼ିତ ରହୁଥିବା ପୁରୁଣା ଅପରାଧୀମାନଙ୍କୁ ଚିହ୍ନଟ କରାଯାଇଛି। ପାର୍ବଣ ସମୟରେ ସେମାନେ ଯେପରି ସକ୍ରିୟ ହୋଇ ନ ପାରିବେ ସେଥିପାଇଁ ସେମାନଙ୍କ ବିରୋଧରେ ୱାରେଣ୍ଟ ବାହାର କରାଯାଇଛି। ନିକଟରେ କୋର୍ଟରୁ ବେଲ୍ ପାଇଥିବା ଆସାମାଜିକଙ୍କ ଉପରେ ମଧ ଦୃଷ୍ଟି ରଖାଯାଇଛି। ଜିଲାରେ ଥିବା ୨୩ଟି ଥାନାର ଥାନା ଅଧିକାରୀ ଏକ ସ୍ପେଶାଲ ଡ୍ରାଇଭ୍ କରି ପୁରୁଣା ଦାଗୀମାନଙ୍କୁ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଶହେରୁ ଊର୍ଦ୍ଧ୍ୱ ପୁରୁଣା ଦାଗୀଙ୍କ ଚିଠା ପ୍ରସ୍ତୁତ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏଥିସହ ପାର୍ବଣ ସମୟରେ ଏକ ସ୍ପେଶାଲ ଟିମ୍ କରାଯାଇ ପୂଜାରେ ଯେଭଳି ବିଶୃଙ୍ଖଳା ସୃଷ୍ଟି ନ ହୁଏ, ସେଥିପ୍ରତି କଡ଼ା ନଜର ରଖାଯିବ ବୋଲି ଏସ୍‌ପି ଜଗମୋହନ ମୀନା ପ୍ରକାଶ କରିଛନ୍ତି।

## ଭୁଜାଲିରେ ହାଣି ଲୁଟିନେଲେ ୬ ଲକ୍ଷ

**ଅନୁଗୋଳ ଅଫିସ, ୨୯।୮**



ପାର୍ବଣକୁ ନଜରରେ ରଖି ଅନୁଗୋଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ କରାଯାଉଥିବା ଆଇନଶୃଙ୍ଖଳା ପ୍ରସ୍ତୁତିକୁ ସୋମବାର ଚ୍ୟାଲେଞ୍ଜ ଦେଇଛନ୍ତି ୪ ଜଣ ଦୁର୍ବୃତ୍ତ। ଅନୁଗୋଳ ସହର ଉପକଣ୍ଠ କୁରୁଡ୍ଡୁଲୁ ଅଞ୍ଚଳରେ ମଦ ବ୍ୟବସାୟୀଙ୍କ କର୍ମଚାରୀଙ୍କୁ ଭୁଜାଲିରେ ହାଣି ଲୁଟି ନେଇଛନ୍ତି ୬ ଲକ୍ଷ ଟଙ୍କା। ଏପରିକି ଘଟଣାସ୍ଥଳରେ ସେମାନେ ବନ୍ଧୁକରୁ ଗୁଳି ଫୁଟାଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା କର୍ମଚାରୀ ଶେଷନାଥ ପ୍ରସାଦ ଗୁପ୍ତା(୪୨)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ ହେଁ ଉକ୍ତ ଅଞ୍ଚଳ ନାଲ୍‌କୋ ଥାନା ଅଞ୍ଚଳରେ ଆସୁଥିବାରୁ ନାଲ୍‌କୋ ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ମୁତାବକ, ଅନୁଗୋଳର ଜଣେ ମଦ ବ୍ୟବସାୟୀଙ୍କ କର୍ମଚାରୀ ଶେଷନାଥ ପ୍ରସାଦ ଗୁପ୍ତା ଓ ରୂପେଶ କୁମାର ପ୍ରତ୍ୟେକ ଦିନ ପରି ତାଳଚେରସ୍ଥିତ ମଦ ଦୋକାନକୁ ଟଙ୍କା ପାଇଁ ଯାଇଥିଲେ। ସେମାନେ ତାଳଚେର ଶର୍ମାଛକରେ ଥିବା ମଦ ଦୋକାନରୁ ଟଙ୍କା ଧରି ବାଇକ୍‌ରେ ଅନୁଗୋଳ ଆସୁଥିଲେ। ହେଲେ ସେମାନଙ୍କୁ ଏକ କାର୍‌ରେ ପିଛା କରୁଥିବା ୪ ଜଣ ଦୁର୍ବୃତ୍ତ କୁରୁଡ୍ଡୁଲୁ ଠାରେ ଅତର୍କିତ ଆକ୍ରମଣ କରିଥିଲେ। ବାଇକ୍‌ରେ ଟଙ୍କା ଧରି ବସିଥିବା ଶେଷନାଥଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହ ଗୁଳି କରିଥିଲେ। ତେବେ ଗୁଳିଟି ଶେଷନାଥଙ୍କ ଦେହରେ ବାଜି ନ ଥିଲା। ତେବେ ଦୁର୍ବୃତ୍ତମାନେ ଭୁଜାଲିରେ ତାଙ୍କ ହାତକୁ ହାଣି ଟଙ୍କା ବ୍ୟାଗ ଲୁଟି ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଶେଷନାଥଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚିଥିଲେ ହେଁ ଘଟଣାସ୍ଥଳ କେଉଁ ଥାନା ଅଧୀନରେ ଆସୁଛି ତାହା ଜଣାପଡ଼ି ନ ଥିଲା। ପରେ ଉକ୍ତ ସ୍ଥାନ ନାଲ୍‌କୋ ଥାନା ଅଧୀନ ହୋଇଥିବାରୁ ନାଲ୍‌କୋ ଥାନାରେ ଅଭିଯୋଗ କରାଯାଇଥିଲା। ଏହାପରେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ଜଣାପଡ଼ିଛି। ତେବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ି ଯାଞ୍ଚ କରାଯାଉଥିବା ବେଳେ ଦୁର୍ବୃତ୍ତମାନେ କିପରି ଆକ୍ରମଣ କରି ୬ ଲକ୍ଷ ଟଙ୍କା ଧରି ଖସିଗଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ସମ୍ପର୍କରେ ନାଲ୍‌କୋ ଥାନା ଆଇଆଇସିଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

## ମହାପାଟଙ୍କ ବାର୍ଷିକ ଯାତ୍ରା



ମହାପାଟଙ୍କ ନକଟରେ ଭକ୍ତମାନେ ଅଧିଆ ପଡ଼ିଛନ୍ତି।

**ବଅଁରପାଳ, ୨୯।୮ (ଡି.ଏନ.ଏ.)**

ବଅଁରପାଳ ବ୍ଲକ ତୁଳସୀପାଳ ଓ ଗଡସନ୍ତ୍ରୀ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା' ମହାପାଟଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଯାଇଛି। ଅପରାହ୍ନ ୧ଟା ସମୟରେ ଗ୍ରାମର ଦିଅଁ ଘରୁ ଏକ ଶୋଭାଯାତ୍ରରେ ଠାକୁରଙ୍କୁ ଅଣାଯାଇ ଗ୍ରାମ ପରିକ୍ରମା କରାଯିବା ପରେ ପୀଠସ୍ଥଳୀକୁ ନିଆଯାଇଥିଲା। ଅପରାହ୍ନରେ ଦେବୀଙ୍କ ମାଜଣା ପର୍ବ ସହ ବଡ଼ପୂଜା ସମ୍ପନ ହୋଇଥିଲା। ମାନସିକ ପୂରଣ ନିମନ୍ତେ ବହୁ ଶ୍ରଦ୍ଧାଳୁ ଅଧିଆ ପଡିଥିଲେ। ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉଭୟ ଗ୍ରାମବାସୀ ଯାତ୍ରାକୁ ପରିଚାଳନା କରିଥିଲେ। ସେହିପରି ନୂଆହତା ଗ୍ରାମରେ ମା' ଅନ୍ଧାରୀ ଘରବାଉତୀଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ବଳରାମପ୍ରସାଦସ୍ଥିତ ଦିଅଁ ଘରୁ ଆଲମକୁ ଅଣାଯାଇଥିଲା। ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ମନୋଜ କୁମାର ସିଂ, ବିନୟ କୁମାର ମାଝି ପ୍ରମୁଖଙ୍କ ସମେତ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ପୂଜାକୁ ପରିଚାଳନା କରିଥିଲେ।

## ମାହେଶ୍ୱରୀଙ୍କ ବାର୍ଷିକ ପୂଜା



**ବଇଣ୍ଡା, ୨୯।୮ (ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। କଳଶରେ ପାଣି ଅଣାଯିବା ପରେ ମା'ଙ୍କ ପୀଠରେ ଯଥାରୀତି ପୂଜା କରାଯାଇଥିଲା। ପୂଜକ ଲକ୍ଷ୍ମଣ ଦେହୁରୀ ରୀତିନୀତି ଅନୁସାରେ ପୂଜା କରିଥିବା ବେଳେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। କମିଟି ସଭାପତି ପ୍ରଦୀପ ବେହେରା, ଶିପୁକାନ୍ତ ପରିଡା, ଅନିଲ ସାହୁ, ଯୋଗେନ୍ଦ୍ର ମାଝି, ସଂସାର ସ୍ୱାଇଁ, ଜିତୁ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଆଠମଲ୍ଲିକ ଏନ୍ଏସି ପୁରସ୍କୃତ

**ଆଠମଲ୍ଲିକ, ୨୯।୮ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରି ଜାତୀୟସ୍ତରରେ ପୁରସ୍କୃତ ହୋଇଛି ଆଠମଲ୍ଲିକ ଏନ୍ଏନସି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋମବାର ଭୁବନେଶ୍ୱରର ଉନ୍ନତି ଭବନଠାରେ ଏନ୍ଏସିକୁ ପୁରସ୍କୃତ କରାଯାଇଥିବା ଅଧ୍ୟକ୍ଷା ଆଶା କୁମାରୀ ସାହୁ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ଉତ୍ସବ ଆୟୋଜିତ ହୋଇଥିଲା। ଆଠମଲ୍ଲିକ ଏନ୍ଏସି ପ୍ରଧାନମନ୍ତ୍ରୀ ସହରୀ ଯୋଜନାକୁ ସମୟସୀମା ମଧ୍ୟରେ ସମାପ୍ତ କରିପାରିଥିବାରୁ ଭାରତବର୍ଷରେ ୨ୟ ସର୍ବୋତ୍କୃଷ୍ଟ ସମ୍ମାନ ପାଇପାରିଛି। ଏନ୍ଏସିର ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ତତ୍ତ୍ୱାବଧାନ ସହ ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ଅଧ୍ୟକ୍ଷା ଆଶାକୁମାରୀ ସାହୁ କହିଛନ୍ତି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଉପସ୍ଥିତିରେ ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ ଓ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ୱାୟତ୍ତ ଶାସନ ଦିବସ ପାଳନର ୨ ଦିନ ପୂର୍ବରୁ ଆଠମଲ୍ଲିକ ଏନ୍ଏସି ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବାରୁ ପୌର କର୍ମଚାରୀ ମହଲରେ ଖୁସି ବ୍ୟକ୍ତ କରାଯାଇଛି।



ଆଠମଲ୍ଲିକ ଏନ୍ଏସିକୁ ପୁରସ୍କୃତ କରାଯାଉଛି।

## ଦୁର୍ଘଟଣାରେ ୱାଚରଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୨୯।୮**

ଅନୁଗୋଳ ଜଙ୍ଗଲ କର୍ପୋରେଶନ୍‌ରେ କାର୍ଯ୍ୟ କରୁଥିବା ୱାଚର ନିରୋଦ ମହାନ୍ତି(୫୮)ଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଆଳକଣା ଅଞ୍ଚଳରେ। ସେ ୨୦୦୭ ମସିହାରୁ ୱାଚର ଭାବେ କାର୍ଯ୍ୟ କରୁଥିଲେ। ଅପରାହ୍ନରେ ସେ ଜଙ୍ଗଲ ଗେଷ୍ଟ ହାଉସ୍‌ରୁ ତାଙ୍କ କାର୍ଯ୍ୟାଳୟକୁ ସାଇକେଲରେ ଯାଉଥିବା ବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବାଇକ୍ ଚାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ନିରୋଦଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହେଉଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ପୁଅ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି। ଘଟଣା ଜଣାପଡ଼ିବା ପରେ ଅନୁଗୋଳ ଜଙ୍ଗଲ କର୍ପୋରେଶନ୍ କାର୍ଯ୍ୟାଳୟରେ ଶୋକର ଛାୟା ଖେଳିଯାଇଛି।

## ବରିଷ୍ଠଙ୍କ ସମସ୍ୟା ସମାଧାନ କରାଯାଉ



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା, ୨୯।୮ (ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ସମସ୍ତ ସୁବିଧା ମଧ୍ୟ ଠିକ୍ ଭାବେ ସେମାନଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ସେଗୁଡିକ କିଭଳି ସେମାନଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ। ରବିବାର କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ ଯାତ୍ରା ପଡିଆସ୍ଥିତ ସଭାଗୃହଠାରେ ୟାର୍ ପକ୍ଷରୁ ଆୟୋଜିତ ବରିଷ୍ଠ ନାଗରିକଙ୍କ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ୟାର୍‌ର ପ୍ରତିଷ୍ଠାତା ରଣଜିତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇ ପଞ୍ଚାୟତର ୨୫୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରା ନନ୍ଦ ସାହୁ, ଅନ୍ୟତମ ଅତିଥି ଭାବେ ଗ୍ରାମ ବିବେକା ବିଶ୍ୱାଳ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ ସାବିତ୍ରୀ ସିଂ ସାମନ୍ତ, ରମେଶ ଚନ୍ଦ୍ର ମିଶ୍ର, ସଞ୍ଜୟ ପ୍ରଧାନ ଯୋଗଦେଇଥିଲେ। ଅନେକ ବ୍ୟକ୍ତିଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଉ ନାହିଁ। ଏପରିକି ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଅଧିକ ଭତ୍ତା ଅର୍ଥ ମିଳୁନାହିଁ। ସେହିପରି ବରିଷ୍ଠଙ୍କୁ ପୂର୍ବପରି ସରକାରଙ୍କ ପକ୍ଷରୁ ଭ୍ରମଣ ସୁବିଧା ପ୍ରଦାନ କରାଯାଉନାହିଁ। ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଦୃଷ୍ଟି ଦେବାକୁ ବୈଠକରେ ଦାବି କରାଯାଇଥିଲା।

## ଦୁର୍ଗାପୂଜା ପାଇଁ କର୍ମକର୍ତ୍ତା ଚୟନ

**ଅନୁଗୋଳ ଅଫିସ, ୨୯।୮**

ଅନୁଗୋଳ ସହରର ସର୍ବପୁରାତନ ଦୁର୍ଗା ପୂଜା କମିଟିର ବୈଠକ ରବିବାର ସନ୍ଧ୍ୟାରେ ଅମଲାପଡାସ୍ଥିତ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଭକ୍ତି ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଭକ୍ତି ପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ତପନ ଦାସ, ଉପସଭାପତି ନରୋତ୍ତମ ମହାନ୍ତି ଓ ହିମାଂଶୁ ଦ୍ୱିବେଦୀଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ଦୀପକ କୁମାର ସାମନ୍ତ, ସହ ସମ୍ପାଦକ ଭାବେ ଅମୀୟ କୁମାର ଦାସ, ସୁକାନ୍ତ ସାହୁ, କଲୋଳ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସେହିପରି କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ପଟ୍ଟନାୟକ ଓ ଜ୍ୟୋତି ପ୍ରକାଶ ତ୍ରିପାଠୀ ମନୋନୀତ ହୋଇଥିଲେ। କରୋନା କଟକଣା ଯୋଗୁ ପ୍ରାୟ ଦୁଇ ବର୍ଷ ଧରି ନିରାଡ଼ମ୍ବର ଭାବେ ପୂଜା ପାଳନ କରାଯାଇଥିବାବେଳେ ଚଳିତଥର ଆଡମ୍ବର ସହ ପୂଜା ଅନୁଷ୍ଠିତ ହେବା ନେଇ ବୈଠକରେ ଚୂଡାନ୍ତ ହୋଇଥିଲା। ମଣ୍ଡପ ପରିସର ସଫାସୁତୁରା ସହ ଆବଶ୍ୟକ କାର୍ଯ୍ୟ ନିମନ୍ତେ କମିଟି ପକ୍ଷରୁ ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା ପାଇଁ ସ୍ଥିର କରାଯାଇଥିଲା।

## ଗରିବଙ୍କ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଶପଥ

**କଣିହାଁ, ୨୯।୮ (ଡି.ଏନ.ଏ.)**

### ଶ୍ରଦ୍ଧା, ସେବା ଏବଂ ସହଯୋଗ ଫାଉଣ୍ଡେଶନର ବୈଠକ

ପାଲଲହଡା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ପାଲଲହଡ଼ା ଓ କଣିହାଁକୁ ନେଇ ଗଠନ ହୋଇଥିବା ଶ୍ରଦ୍ଧା, ସେବା, ସହଯୋଗ ଫାଉଣ୍ଡେଶନ ପକ୍ଷରୁ ଏକ ବୈଠକ କଣିହାଁ ବ୍ଲକ ପରାବିଲ ପଞ୍ଚାୟତ ଗହମ ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଓ ମନିଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବନୀକାନ୍ତ ସାହୁ, ସମ୍ମାନିତ ଅତିଥି ମନିଷ କୁମାର ପ୍ରଧାନ, ବନମାଳୀ ବେହେରା, ସୁନୀଲ ସାହୁ, ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କଣିହାଁ ବ୍ଲକର ୫୦୦ରୁ ଊର୍ଦ୍ଧ୍ୱ ଯୁବକ ଫାଉଣ୍ଡେଶନରେ କାର୍ଯ୍ୟ କରିବାକୁ ନାମ ପଞ୍ଜୀକରଣ କରିଥିଲେ। ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି ଯେ, ଦୁଇ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗାଁଗୁଡ଼ିକରେ ଥିବା ସମସ୍ୟା ଦୂରୀକରଣ କ୍ଷେତ୍ରରେ ଏହି ଫାଉଣ୍ଡେଶନ କାର୍ଯ୍ୟ କରିବ। ଗରିବ ଅସହାୟ ଲୋକମାନଙ୍କୁ ସହାୟତା କରିବ। ଅର୍ଥ ଅଭାବରୁ ହସ୍ପିଟାଲ ଯାଇପାରୁ ନ ଥିବା ଓ ରକ୍ତ ଆବଶ୍ୟକ ପଡ଼ିଲେ ରକ୍ତଦାନ କରାଯିବ। ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ଛାତ୍ରୀଛାତ୍ର ଓ ଦକ୍ଷତା ଥାଇ ମଧ୍ୟ ଆଗକୁ ଯାଇପାରୁ ନ ଥିବା ପ୍ରତିଭାଙ୍କ ବିକାଶ ଦିଗରେ କାର୍ଯ୍ୟ କରାଯିବ।



ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ପାଚେରି ପଡ଼ି ୫ ଶ୍ରମିକ ଆହତ

- ଅନୁଗୋଳ ପୌରାଞ୍ଚଳରେ ଡ୍ରେନ୍ ନିର୍ମାଣ ବେଳେ ଅଘଟଣ
- ନିମ୍ନମାନର କାର୍ଯ୍ୟ ନେଇ କାଉନସିଲରଙ୍କ ଅଭିଯୋଗ
- ତଦନ୍ତ କରାଯିବ କହିଲେ ନିର୍ବାହୀ ଅଧିକାରୀ

**ଅନୁଗୋଳ ଅଫିସ, ୨୯।୮**



ଅନୁଗୋଳ ପୌରାଞ୍ଚଳର ୧୭ ନମ୍ବର ୱାର୍ଡରେ ସୋମବାର ଡ୍ରେନ୍ ନିର୍ମାଣ ବେଳେ ନିକଟରେ ଥିବା ଏକ ପାଚେରି ଭାଙ୍ଗି ପଡ଼ିବାରୁ ୫ ଜଣ ଶ୍ରମିକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛନ୍ତି। ବିନା ପ୍ଲାନିଂ ଓ ସୁରକ୍ଷା ଉପକରଣରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଯିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ଠିକା ନେଇଥିବା ଠିକାଦାର ଦୁର୍ଘଟଣା ସମ୍ପର୍କରେ ଜାଣିବ ସତ୍ତ୍ୱେ ଘଟଣାସ୍ଥଳକୁ ନ ଆସିବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ୧୭ନଂ. ୱାର୍ଡରେ ଡ୍ରେନ୍ କାର୍ଯ୍ୟ କରାଯାଉଥିଲା। କେତେଜଣ ଶ୍ରମିକ ଏହି କାର୍ଯ୍ୟ କରୁଥିବା ବେଳେ ଡ୍ରେନ୍‌କୁ ଲାଗିକରି ଥିବା ଏକ ପାଚେରି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ୫ଜଣ ଶ୍ରମିକ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଖବରପାଇ ସମ୍ପୃକ୍ତ ଠିକାଦାର ମେଡିକାଲରେ ପହଞ୍ଚି ଶ୍ରମିକମାନଙ୍କୁ ସେଠାରୁ ନେଇ ପଳାଇ ଯାଇଥିଲେ। ତେବେ ଡ୍ରେନ୍ କାର୍ଯ୍ୟ ନିମ୍ନମାନର ହେଉଥିବା ୧୭ନଂ. ୱାର୍ଡ କାଉନସିଲର ସଂଯୁକ୍ତା ନନ୍ଦ ଅଭିଯୋଗ କରିଛନ୍ତି। ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ବେଳେ ବିନା ସୁରକ୍ଷାରେ ଠିକାଦାର ଜଣଙ୍କ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୌରପାଳିକା ପକ୍ଷରୁ କୁହାଯାଇଛି, ଡ୍ରେନ୍ ଉପରେ କାନ୍ଥ ଥିବାରୁ ଗଳି ପଡ଼ିଛି। ଶ୍ରମିକମାନେ ଆହତ ହୋଇଛନ୍ତି। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ପାଚେରି ଭୁଶୁଡ଼ି ପଡ଼ିବା ଘଟଣା ଅନ୍ୟ ପ୍ରସଙ୍ଗ। କିନ୍ତୁ ନିମ୍ନମାନର କାର୍ଯ୍ୟ ନେଇ ଯେଉଁ ଅଭିଯୋଗ ଆସିଛି ତାହାର ତଦନ୍ତ କରାଯିବ। ଘଟଣା ସମ୍ପର୍କରେ ଠିକାଦାର କହିଛନ୍ତି, ଏଭଳି କିଛି ଘଟଣା ଘଟିନାହିଁ। ପରେ କଥା ହେବି।

## ସଂକ୍ଷେପରେ

### ପରଲୋକରେ ପୂର୍ବତନ ସରପଞ୍ଚଙ୍କ ସ୍ତ୍ରୀ

**ପରଜଙ୍ଗ,୨୯।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତର ଧର୍ମପ୍ରାଣା ମହିଳା ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ରଘୁନାଥ ଦେହୁରୀଙ୍କ ସ୍ତ୍ରୀ ଗେଲମଣି ଦେହୁରୀଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ କାରଣରୁ ତାଙ୍କର



ମୃତ୍ୟୁ ହୋଇଛି। ଅନ୍ତିମ ସମୟରେ ତାଙ୍କ ନିକଟରେ ୪ ପୁଅ, ୨ ବୋହୂ, ୪ ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ। ବଡ଼ପୁଅ ପ୍ରଗତି ଦେହୁରୀ ମୁଖାଗ୍ନି ଦେଇଥିଲେ। ସାନପୁଅ ପ୍ରଦୀପ କୁମାର ଦେହୁରୀ କ୍ୟାପିଟାଲ ହସ୍ପିଟାଲରେ କାର୍ଯ୍ୟରତ ଥିବା ବେଳେ ମା'ଙ୍କ ବିୟୋଗରେ ମ୍ରିୟମାଣ ହୋଇପଡ଼ିଛନ୍ତି। ଧର୍ମପ୍ରାଣା ଗେଲମଣିଙ୍କ ବିୟୋଗରେ ପଞ୍ଚାୟତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଶିକ୍ଷାବିତ୍‌ଙ୍କ ଦେହାନ୍ତ

**ଢେଙ୍କାନାଳ ଅଫିସ, ୨୯।୮:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଁଶିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦ୍ଧବ ମୋହନ ପତିଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୨ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ର, କନ୍ୟାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଚିରୁଲେଇସ୍ଥିତ ସୁଦର୍ଶନ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ବାଇଁଶିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ ସହକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରି ୨୦୨୦ ମେ'ରେ ସତ୍ୟବାଦୀ ସରକାରୀ ହାଇସ୍କୁଲରୁ ଅବସର ଗ୍ରହଣ କରିଥିଲେ। ଇଂଲିଶ ଏବଂ ଓଡ଼ିଆ ଭାଷାରେ ତାଙ୍କର ଜ୍ଞାନ ଥିଲା। ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କ ଦେହାନ୍ତରେ ବାଇଁଶିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ମୃତିସଭାର ଆୟୋଜନ କରାଯାଇଥିଲା।

# ଶୋକରେ ବୁଡ଼ିଛି ବାଙ୍ଗୁରା



ମୃତକଙ୍କ ପରିବାରକୁ ଭେଟି ଜିଲାପାଳ ଭେଟି ରେଡକ୍ରସ୍ ସହାୟତା ପ୍ରଦାନ କରୁଛନ୍ତି।



ମୃତକଙ୍କ ପରିବାର ସହିତ ଏମ୍‌ପି ମହେଶ ସାହୁ, ନଗରପାଳ ଧର୍ମାନନ୍ଦ ପରିଡ଼ା ଓ ଅନ୍ୟମାନେ।

**କାମାକ୍ଷାନଗର(ଡି.ଏନ୍.ଏ.), ୨୯।୮**

- ମୃତକଙ୍କ ପରିବାରକୁ ସମବେଦନାର ସୁଅ
- ଭେଟିଲେ ଏମ୍‌ପି, ନଗରପାଳ, ଜିଲାପାଳ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ଜାତୀୟ ରାଜପଥ ୫୩ର ପଥରଖମ୍ବ ଛକ ନିକଟରେ ରବିବାର ଘଟିଥିବା ଦୁଃଖଦ ଦୁର୍ଘଟଣାକୁ ବିତିଗଲାଣି ୩୬ ଘଣ୍ଟାରୁ ଅଧିକ ସମୟ। ହେଲେ ଏଯାଏ ସ୍ୱାଭାବିକ ହୋଇପାରିନି ଦୁର୍ଘଟଣା ଗ୍ରାମର ୫ ଜଣଙ୍କୁ ଛଡ଼ାଇ ମୃତକଙ୍କ ଆତ୍ମୀୟ ଏବଂ ଅଞ୍ଚଳବାସୀ। ଅନ୍ୟପଟେ ମୃତକଙ୍କ ପରିବାରକୁ ରାଜନେତା, ପ୍ରଶାସନିକ ଅଧିକାରୀ ଏବଂ ସାମାଜିକ ସଙ୍ଗଠନ ପକ୍ଷରୁ ସମବେଦନାର ସୁଅ ଛୁଟିବାରେ ଲାଗିଛି।

ଜିଲାପାଳ ସରୋଜ କୁମାର ସେଠୀ ସୋମବାର ମୃତକଙ୍କ ପରିବାରକୁ ଭେଟିଛନ୍ତି। ଏଭଳି କଷ୍ଟକର ସମୟରେ ବୋଲି ସେ ଆଶ୍ୱାସନା ଜଣାଇଛନ୍ତି। ସେ ରେଡ୍‌କ୍ରସ୍ ପାଣ୍ଠିରୁ ପ୍ରତି ମୃତକଙ୍କ ପରିବାରକୁ ୨୫ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଶୋକାକୁଳ ପରିବାର ସେମାନଙ୍କ ସମସ୍ୟା ଜିଲାପାଳଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରତି ମୃତକଙ୍କ ପରିବାର ଲାଗି ଘୋଷିତ ୧ ଲକ୍ଷ ଟଙ୍କା ମଧ୍ୟ ଖୁବ୍ ଶୀଘ୍ର ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଉପସ୍ଥିତ ଥିଲେ।

ସେହିପରି ଏମ୍‌ପି ମହେଶ ସାହୁ, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନଙ୍କ ସମେତ ବହୁ ସାମାଜିକ କର୍ମୀ ମୃତକଙ୍କ ପରିବାରକୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି। ଏଭଳି କଷ୍ଟକର ସମୟରେ ଧୈର୍ଯ୍ୟ ଧରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି।

### ମ୍ରିୟମାଣ ଦିବ୍ୟରଞ୍ଜନଙ୍କ ସହପାଠୀ

ଦୁର୍ଘଟଣାରେ ଦିବ୍ୟରଞ୍ଜନ ସାମଲଙ୍କ ମୃତ୍ୟୁ ସହପାଠୀ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମ୍ରିୟମାଣ କରିଦେଇଛି। ସ୍ଥାନୀୟ ବାପୁଜୀ ସ୍ମୃତି ହାଇସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ଦିବ୍ୟରଞ୍ଜନଙ୍କ ଏଭଳି ଅକାଳ ବିୟୋଗକୁ ସେମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସୋମବାର ସ୍କୁଲ ଖୋଲିବା ପରେ ଦିବ୍ୟରଞ୍ଜନଙ୍କ ସ୍ମୃତିରେ ସ୍କୁଲ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହା ପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ତାଙ୍କ ମା'ଙ୍କୁ ଭେଟିଥିଲେ। ଦିବ୍ୟରଞ୍ଜନଙ୍କ ସ୍ମୃତିରେ ସ୍କୁଲକୁ ଛୁଟି କରାଯାଇଥିଲା।

# 'ଖେଳକୁଦକୁ ଶିକ୍ଷାରେ ସାମିଲ କର'

**କାମାକ୍ଷାନଗର, ୨୯।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ସୋମବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପୃଷ୍ଟି ଯୋଗଦେଇ କହିଲେ, ପାଠପଢ଼ାକୁ ଛାତ୍ରୀଛାତ୍ରଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେବେ ଖେଳକୁଦକୁ ମଧ୍ୟ ଏଥିରେ ସାମିଲ କରିବା ଉଚିତ। କ୍ରୀଡ଼ାକୁ ପ୍ରାଥମିକତା ଦିଆଗଲେ ବହୁ ଲୁକ୍କାୟିତ ପ୍ରତିଭା ବାହାରିବେ। ଏହି ଉପଲକ୍ଷେ ଉଭୟେ କ୍ରୀଡ଼ାର ଆବଶ୍ୟକତା, ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ।





ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ଅମିତ ସାହୁ, ପ୍ରେମଜିତ ରାଉତ, ଆଶୀର୍ବାଦ ରାଉତ, ଅନସୂୟା ସାହୁ ହକି କିମ୍ବଦନ୍ତୀ ଧ୍ୟାନ ଚାନ୍ଦଙ୍କ ଉପରେ ବକ୍ତୃତା ଦେଇଥିଲେ। ଏହି ଅବସରରେ ହକି, ଫୁଟବଲ୍, କ୍ରିକେଟ, ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାନପୁରା ଗ୍ରାମରେ ଅନୁଷ୍ଠିତ ମାରାଥନ୍ ରେସ୍‌ରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ, କ୍ରୀଡ଼ାଶ୍ରୀ ବାନାର୍ଜୀ ମହାନ୍ତି, ସୁରେଶ କୁମାର ବିଶ୍ୱାଳ , ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ପ୍ରହଲ୍ଲାଦ ସାହୁ, ନିର୍ମଳ ମହାନ୍ତି, ବସନ୍ତ ସାହୁ , ସମରେନ୍ଦ୍ର ନାୟକ, ଅମିତ ନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ ସାହୁ, ଶିକ୍ଷୟିତ୍ରୀ କବିତା ରାଉତ, ପ୍ରଭାତୀ ସାହୁ, ଜ୍ୟୋତିର୍ମୟୀ ସାହୁ , ଗୀତା ମହାପାତ୍ର, ଜୟସ୍ମିତା ରାଉତ, କର୍ମଚାରୀ ଗିରୀଶ ମହାନ୍ତି, ରବିନାରାୟଣ ରାଉତ, ଚନ୍ଦନ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ସହଯୋଗ କରିଥିଲେ ।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମଦ ଚାଲାଣ ବେଳେ ଛକାପଞ୍ଝା

**ଢେଙ୍କାନାଳ ଅଫିସ, ୨୯।୮**

- ପୋଲିସଙ୍କୁ ଗାଡ଼ି ଚଢ଼ାଇ ଦେବାକୁ ଉଦ୍ୟମ
- ୨ କର୍ମଚାରୀ ଆହତ, ଜଣେ ଅଭିଯୁକ୍ତ ଗିରଫ
- ଜଙ୍ଗଲରେ ଚକ୍‌ମା ଦେଇ ଅନ୍ୟ ଜଣେ ଫେରାର
- ଗାଡ଼ିରୁ ୧୦୦୦ ଲିଟର ଚୋରା ମଦ, ଖଣ୍ଡା ଜବତ





ଏକ ବୋଲେରୋରେ ଚୋରା ମଦ ଚାଲାଣ କରାଯାଉଥିବାବେଳେ ଢେଙ୍କାନାଳ ଟାଉନ ଥାନା ପୋଲିସ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ସୋମବାର ରାତି ପ୍ରାୟ ୯ଟାର ଛକାପଞ୍ଝା ହୋଇଛି। ଅଭିଯୁକ୍ତମାନେ ପୋଲିସ ଉପରକୁ ଗାଡ଼ି ଚଢ଼ାଇ ଦେବାକୁ ଉଦ୍ୟମ କରିଛନ୍ତି। ତେବେ ଉପସ୍ଥିତ ବୁଦ୍ଧି ଖଟାଇ ରାସ୍ତା କଡ଼କୁ ଡେଇଁ ପଡ଼ିବାରୁ ୩ କର୍ମଚାରୀ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଜଣେ ଅଭିଯୁକ୍ତ ଚକ୍‌ମା ଦେଇ ଫେରାର ହୋଇଯାଇଥିବାବେଳେ ଜଙ୍ଗଲରେ ଡ୍ରାଇଭରଙ୍କୁ ଗୋଡ଼ାଇ ଧରିଛି ପୋଲିସ। ଗାଡ଼ିରୁ ପ୍ରାୟ ୧୦୦୦ ଲିଟର ଚୋରା ଦେଶୀ ମଦ ଏବଂ ଏକ ଖଣ୍ଡା ଜବତ ହୋଇଛି। ଛକାପଞ୍ଝା ମଧ୍ୟରେ ୨ ପୋଲିସ କର୍ମଚାରୀ ଏବଂ ଅଭିଯୁକ୍ତ ଆହତ ହୋଇଛନ୍ତି। ଏହି ଘଟଣା ସହରରେ ଆଲୋଚନାର ବିଷୟ ପାଲଟିଛି।

କଟକ ଜିଲା ଆଠଗଡ଼ ଅଞ୍ଚଳରୁ ଏକ ବୋଲେରୋ (ନଂ. ଓଆର୍ ୦୫ ଏଏଫ୍ ୩୯୫୫)ରେ ଗଁଦିଆ ଦେଇ ଯାଜପୁରକୁ ଚୋରା ମଦ ଚାଲାଣ କରାଯାଉଥିବା କୌଣସି ସୂତ୍ରରୁ ଟାଉନ ଥାନା ପୋଲିସକୁ ସୂଚନା ମିଳିଥିଲା। ଢେଙ୍କାନାଳ ବାଜିଚୌକ୍‌ଠାରେ ପୋଲିସ ବୋଲେରୋ ଅଟକାଇବାକୁ ଉଦ୍ୟମ କରୁଥିବାବେଳେ ଡ୍ରାଇଭର ସେମାନଙ୍କ ଉପରେ ଗାଡ଼ି ଚଢ଼ାଇ ଦେବାକୁ ଯୋଜନା କରିଥିଲେ। ତେବେ ୩ ପୋଲିସ କର୍ମଚାରୀ ରାସ୍ତା ପାର୍ଶ୍ୱକୁ ଡେଇଁ ପଡ଼ିଥିଲେ। ଏହା ପରେ ପୋଲିସ କର୍ମଚାରୀ ବିଭାଗୀୟ ଗାଡ଼ିରେ ବୋଲେରୋର ପିଛା କରିଥିଲେ। ବଣିସିଂ ଗ୍ରାମ ଜଙ୍ଗଲରେ ଗୋଡ଼ାଇ ଗୋଡ଼ାଇ ଡ୍ରାଇଭରଙ୍କୁ କାବୁ କରିଥିଲେ। ଏହି ସମୟରେ ପୋଲିସକୁ ଚକ୍‌ମା ଦେଇ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଧରାପଡ଼ିବା ପରେ ଆକ୍ରମଣ କରିବାରୁ ଏଥିରେ ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ, ଏପିଆର୍ କନଷ୍ଟେବଲ ସୌମ୍ୟରଞ୍ଜନ ସାହୁ ଆହତ ହୋଇଛନ୍ତି। ଅଭିଯୁକ୍ତ ଡ୍ରାଇଭର ଢେଙ୍କାନାଳ ସହର ଜଗନ୍ନାଥ ରୋଡ୍ ଅଞ୍ଚଳର ଶିବନାରାୟଣ ବେହେରା ବୋଲି ଜଣାପଡ଼ିଛି। ଧସ୍ତାଧସ୍ତିରେ ସେ ମଧ୍ୟ ଆହତ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# ପ୍ରଶିକ୍ଷଣ ବିନା ପ୍ରସିଦ୍ଧି

**ସାତମାଇଲ, ୨୯।୮(ଡି.ଏନ୍.ଏ.)**

- ବଢୁଛି ଶିଳ୍ପୀ ରବିଙ୍କ ହାତ ତିଆରି ମୂର୍ତ୍ତିର ଚାହିଦା
- ୨୫ବର୍ଷ ହେଲା ମାଟିକୁ ଦେଉଛନ୍ତି ଜୀବନ୍ତ ରୂପ

ନୁହନ୍ତି ସେ କୁମ୍ଭକାର। ନେଇନାହାନ୍ତି ବିଧିବଦ୍ଧ ପ୍ରଶିକ୍ଷଣ। ତଥାପି ତାଙ୍କ ଯାଦୁକରି ସ୍ପର୍ଶରେ ପ୍ରାଣବନ୍ତ ଲାଗେ ନିର୍ଜୀବ ମୂର୍ତ୍ତି। କାଠ ହେଉ କି କାର୍ଡବୋର୍ଡ ତାଙ୍କ ହାତର ଛୁଆଁରେ ସବୁଥିରେ ସଞ୍ଚରିଯାଏ ଜୀବନ। ଦୀର୍ଘ ୨୫ବର୍ଷ ହେଲା ବିନା ତାଲିମ୍‌ରେ ମାଟି ପ୍ରତିମା ଗଢ଼ି ପ୍ରସିଦ୍ଧି ଅର୍ଜନ କରିଥିବା ଏଭଳି ଜଣେ ଶିଳ୍ପୀ ହେଲେ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଚିତ୍ତଲପୁର ପଞ୍ଚାୟତ ପଞ୍ଚପଡ଼ା ଗ୍ରାମର ରବି ବେହେରା।

ବିଦ୍ୟାଦାତା ଗଜାନନଙ୍କ ଆବାହନରୁ ପାଦ ଥାପିବ ପାର୍ବଣ। ଆରମ୍ଭ ହେବ ମୃଣ୍ମୟୀ ବିଗ୍ରହଙ୍କ ପୂଜାର୍ଚ୍ଚନା। ଦୀର୍ଘ ୨ବର୍ଷ ପରେ କରୋନା କଟକଣା ନ ଥିବାରୁ ଜମିବ ପୂଜା। ଏହାକୁ ନେଇ କାରିଗରମାନଙ୍କୁ ତର ନାହିଁ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ବରାଦିଆ ମୂର୍ତ୍ତି ଯେପରି ନିର୍ମାଣ ହୋଇ ମଣ୍ଡପକୁ ଯିବ, ତାହାକୁ ନେଇ ସେମାନେ ବ୍ୟସ୍ତ। ପ୍ରତିଯୋଗିତା ପୂର୍ଣ୍ଣ ବିନାୟକ ପୂଜାରେ ଆକର୍ଷଣୀୟ ମୂର୍ତ୍ତି ସମସ୍ତଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ ଦିନରାତି ଏକ୍ କରିଦେଇଛନ୍ତି ରବି।



ମୂର୍ତ୍ତି ନିର୍ମାଣରେ ନିମଗ୍ନ ରବି।

୪୨ ବର୍ଷୀୟ ରବି ପିଲାଦିନୁ ହରାଇଛନ୍ତି ବାପାଙ୍କୁ। ସଂଘର୍ଷରେ କଟିଛି ତାଙ୍କ ବାଲ୍ୟକାଳ ଏବଂ ଶୈଶବ। ମା'ଙ୍କ ଦ୍ୱାରା ପାଳିତ ରବିଙ୍କୁ ଈଶ୍ୱରଦତ୍ତ ଭାବେ ମିଳିଛି ମୂର୍ତ୍ତି ଗଢ଼ିବା କଳା। ଚାଟଶାଳୀରେ ସେ ଗଣେଶ ଏବଂ ସରସ୍ୱତୀ ମୂର୍ତ୍ତି ନିର୍ମାଣ କରି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ତେବେ ଦୀର୍ଘ ୨୫ବର୍ଷର ଅଭିଜ୍ଞତା ଏବେ କାମରେ ଆସୁଛି। ହିନ୍ଦୋଳ ଉପଖଣ୍ଡରେ ଜଣେ ପ୍ରସିଦ୍ଧ ମୂର୍ତ୍ତି କାରିଗର ଭାବେ ସେ ପାଇଛନ୍ତି ପରିଚୟ। ନିଜ ବୃତ୍ତିଗତ ଜୀବନ ସମ୍ପର୍କରେ ସେ କୁହନ୍ତି, ଚଳିତବର୍ଷ ୨୫୦ରୁ ଊର୍ଦ୍ଧ୍ୱ ଖୁଦୁରୁକୁଣୀ ଏବଂ ଗଣେଶ ମୂର୍ତ୍ତି ବରାଦ ହୋଇଥିଲା। ଗଜାନନଙ୍କ ପୂଜାକୁ ଦିନଟିଏ ଥିବାବେଳେ ରଙ୍ଗକାମ ଜୋର୍‌ସୋର୍‌ରେ ଚାଲିଛି। ଚଳିତ ଗଣେଷ ପୂଜାରେ ଗୋଟିଏ ମଣ୍ଡପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁରରୁ ରାଇସିନା ହଲ୍‌ର ଯାତ୍ରାକୁ କଳାକୁଞ୍ଜ ମାଧ୍ୟମରେ ପ୍ରଦର୍ଶନ କରାଯିବ। ଏଥିପାଇଁ ଖୁବ ପରିଶ୍ରମ କରିବାକୁ ପଡୁଛି। ଏଥିରେ ପରିବାର ସଦସ୍ୟ ସହାୟତା କରୁଥିବା ସେ କହିଛନ୍ତି। ରବି କେବଳ ମୂର୍ତ୍ତି ଗଢ଼ନ୍ତି ନାହିଁ। ଚିତ୍ରକଳାରେ ମଧ୍ୟ ଧୁରୀଣ। ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ପାଇଁ ଜିଲା ତଥା ଜିଲା ବାହାରେ ତାଙ୍କର ସୁନାମ ରହିଛି। ସରସ୍ୱତୀ, ଗଣେଶ, ଖୁଦୁରୁକୁଣୀ, ବିଶ୍ୱକର୍ମା, ଦୁର୍ଗା, ମହାଲକ୍ଷ୍ମୀ, କାଳୀ ଏବଂ କାର୍ତ୍ତିକେଶ୍ୱରଙ୍କ ପୂଜାରେ ତାଙ୍କୁ ଅନୁଗୋଳ, ଢେଙ୍କାନାଳ, କଟକ, ଭୁବନେଶ୍ୱରର ବିଭିନ୍ନ ପୂଜା ପ୍ରତିଷ୍ଠାନରୁ ଡାକରା ଆସିଥାଏ। ତେବେ ମୂର୍ତ୍ତି ନିର୍ମାଣ ପାଇଁ ମାଟି ସଂଗ୍ରହ କରିବା ଏବେ କଷ୍ଟକର ହୋଇପଡୁଛି। ରଙ୍ଗ, ତୂଳି ଓ ଅନ୍ୟାନ୍ୟ ସାଜସଜ୍ଜା ଉପକରଣ ଦାମ ବଢ଼ିଚାଲିଥିବାବେଳେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ତଥାପି ମୂର୍ତ୍ତି ତିଆରି ନିଶା ପାଲଟିଯାଇଥିବାରୁ ଏହାକୁ ଛାଡ଼ି ହେଉନି ବୋଲି ସେ ନିଜ ପ୍ରତିକ୍ରିୟା ରଖିଛନ୍ତି।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ଁଭୂବନା ନନ୍ଦ ମହାନ୍ତି
କୁଣ୍ଡିକୋଣା, ନିମାପଡ଼ା
ଆବିର୍ଭାବ: ୨୫।୦୧।୧୯୨୩
ତିରୋଧାନ: ୨୦।୦୮।୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ରମେଶ, ଉମେଶ, ସୁରେଶ, ଦେବେଶ୍, କ୍ଷିତୀଶ୍, ଜିତିଶ୍, ସ୍ନେହଲତା, ବନ୍ଧୁ ଓ ପରିବାରବର୍ଗ
ଧ-୧୩୭୪

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ଁଅଭିରାମ ମହାରଣା (ଅଭ)
କଟକ ସଦର, ଗୋପାଳପୁର, ବାଲିକୁଦା
ଆବିର୍ଭାବ-୧୨।୦୪।୧୯୬୨
ତିରୋଧାନ- ୨୦।୦୮।୨୦୨୨
ଆମ୍ଭେ ଭାବି ନଥିଲୁ ଯେ ତୁମେ ହଠାତ୍ ଏପରି ଆମକୁ ଶୋକ ସାଗରରେ ଭସାଇ ଦେଇ ଏକା କରି ଛାଡ଼ି ଚାଲିଯିବ । ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଅଭୁଲା ସ୍ମୃତି ହୋଇ ରହିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
-ଶୋକସନ୍ତପ୍ତ-
ପ୍ରେମଲତା, ପାର୍ଥସାରଥି, ଚିକି, ଅଜିତ୍, ସନାତନ, ଝିଲି, ମିକି, ଲାଡୁ, ଆରତୀ, ମିନି, ଅନୁ, ବନି, ନକୁଳ, ବବୁଲି, ଅମୁଲି, ପ୍ରଶାନ୍ତ, ପୂର୍ଣ୍ଣଚନ୍ଦ୍ର ।
ଧ-୧୩୮୨

**ଶ୍ରଦ୍ଧାଞ୍ଜଳି**



ଁ ଦୁର୍ଗା ପ୍ରସାଦ ବହିଦାର୍
(ଅବସରପ୍ରାପ୍ତ ପୋଲିସ୍ ଅଫିସର୍)
ଝାଡୁଆପଡ଼ା, ସମ୍ବଲପୁର
୧୯୧୦ - ୧୯୯୭
ବାଲିତୃତୀୟା
ଆଜି, ପଞ୍ଚବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୩୮୬

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଦେବସ୍ମିତା କର
ସଦାଶିବପୁର, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୦୮।୦୫।୧୯୯୨
ତିରୋଧାନ: ୨୦।୦୮।୨୦୨୨
ଅସମୟରେ ଚାଲିଯିବା ଆମ ସମସ୍ତଙ୍କୁ କଷ୍ଟ ଦେଇଛି। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ବାପା: ଦେବୀ ପ୍ରସାଦ କର, ମା: ବିଷ୍ଣୁପ୍ରିୟା କର, ଜେଜେବାପା: ସ୍ୱର୍ଗତ ବିଦ୍ୟାଧର କର, ଜେଜେମା: ସ୍ୱର୍ଗତା କୌଶଲ୍ୟା ଦେବୀ, ଅଜା, ମାମୁ, ମାଇଁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୪୦୦୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଁସନ୍ଦିପ ମହାନ୍ତି (ଟୁନଟୁନ)
(ଭୁବନେଶ୍ୱର)
ଆବିର୍ଭାବ : ୨୭/୧୨/୧୯୮୪ | ତିରୋଧାନ : ୩୦/୦୮/୨୦୦୭
ଚାହିଁ ଚାହିଁ ୧୫ବର୍ଷ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ଆମ ସମସ୍ତଙ୍କୁ ଛାଡି ସବୁଦିନ ପାଇଁ ଚାଲିଗଲୁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତ ଅନୁଭବ କରୁଛୁ। ତୋର ଶୂନ୍ୟସ୍ଥାନକେବେ ମଧ୍ୟ ପୂରଣ ହେବନାହିଁ। ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇରହିବୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ :- ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଇ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୩୮୭

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ଁଡଃ ନିରୂପମା ପଟ୍ଟନାୟକ
ସ୍ୱାମୀ: ଁଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୭୩୭୧୭

## ସଂକ୍ଷେପରେ

### ଆମ୍ବଗଛ ଡାଳ ପଡ଼ି ୩ ବାଇକ ଭାଙ୍ଗିଲା



**ଢେଙ୍କାନାଳ ଅଫିସ, ୨୯।୮:** ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ମଲ୍ ନିକଟ ମୁଖ୍ୟରାସ୍ତାର ବାମପାର୍ଶ୍ୱରେ ସୋମବାର ଅପରାହ୍ନ ୧ଟାରେ ଏକ ପୁରୁଣା ଆମ୍ବଗଛର ବଡ଼ ଡାଳ ଭାଙ୍ଗିଯାଇଛି। ଲୋକମାନେ ଦୌଡ଼ି ପଳାଇବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ତେବେ ଗଛ ତଳେ ଥିବା ୨ଟି ବାଇକ୍ ଏବଂ ଗୋଟିଏ ସ୍କୁଟି ଭାଙ୍ଗିଯାଇଛି। କୁଞ୍ଜକାନ୍ତ ଅଞ୍ଚଳର ପ୍ରମୁଖ ରାସ୍ତାରେ ଥିବା ପୁରୁଣା ଆମ୍ବଗଛ ମଧ୍ୟରୁ ଅନେକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଶୁଖିଲା ଡାଳ ଭାଙ୍ଗି ଧନଜୀବନ ହାନି ହେବାର ଭୟ ରହିଛି। ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

### ମଦ ଦୋକାନ ସେଲ୍ସମ୍ୟାନଙ୍କୁ ଖଣ୍ଡାଚୋଟ

**ଢେଙ୍କାନାଳ ଅଫିସ, ୨୯।୮**



ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ଠିପିବନ୍ଦ ମଦ ଦୋକାନର ସେଲ୍ସମ୍ୟାନ୍ ସୁବ୍ରତ ରାଉତ ଓରଫ୍ ବାସୁଦେବଙ୍କ ଉପରେ ରବିବାର ରାତି ପ୍ରାୟ ୯ଟା ୨୦ରେ ମରଣାନ୍ତକ ଆକ୍ରମଣ ହୋଇଛି। ୫ଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିବା ସହ ୨୦ ହଜାର ୫୦୦ଟଙ୍କା ଲୁଟି ନେଇଥିବା ସେ ଅଭିଯୋଗ କରିଛନ୍ତି। ବାସୁଦେବ ଦୋକାନ ବନ୍ଦ କରି ଯାଉଥିବାବେଳେ ଜଣେ ଯୁବକ ତାଙ୍କୁ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣି ପକାଇଥିଲେ। ଏଥିରେ ତାଙ୍କ ଦୁଇହାତ, ବାମକାନ୍ଧରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ତଳେ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ତାଙ୍କ ଠାରୁ ୨୦ହଜାର ୫୦୦ଟଙ୍କା ଛଡ଼ାଇ ନେଇଥିଲେ। ମଦ ଦୋକାନ ମାଲିକ ରାଜେନ୍ଦ୍ର ରାଉତଙ୍କ ସହାୟତାରେ ବାସୁଦେବଙ୍କୁ ପ୍ରଥମେ ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ କଣ୍ଟାବଣିଆ ଥାନାରେ ନଂ. ୯୧/୨୨ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି।

### ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ



**ଢେଙ୍କାନାଳ ଅଫିସ, ୨୯।୮:** କାମାକ୍ଷାନଗର ମହିଳା ମହାବିଦ୍ୟାଳୟ ସଭାଗୃହରେ ଉତ୍କଳ ଗ୍ରନ୍ଥାଗାରିକ ସଂଘ ଢେଙ୍କାନାଳ ଶାଖା ପକ୍ଷରୁ ୧୦ମ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ମୁରଲୀଧର ମହାରଣାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ନିଗମାନନ୍ଦ ସାହୁ ଏବଂ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷା ବନ୍ଦିତା ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ । ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ଜିଲାର ସମସ୍ତ ଯୁକ୍ତ୨ ଓ ଯୁକ୍ତ୩ ମହାବିଦ୍ୟାଳୟର ଗ୍ରନ୍ଥାଗାରିକମାନେ ଯୋଗ ଦେଇଥିଲେ। ପଦ୍ମଶ୍ରୀ ଏସ୍‌ଆଇ ରଙ୍ଗନାଥନ୍‌ଙ୍କ ସ୍ମୃତିଚାରଣ କରାଯାଇଥିଲା। ନୃସିଂହ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଅଭିଯୋଗ ଶୁଣିଲେ ଜିଲାପାଳ

**କାମାକ୍ଷାନଗର, ୨୯।୮(ଡି.ଏନ୍.ଏ.):** କାମାକ୍ଷାନଗର ଉପଜିଲାପାଳଙ୍କ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ପଞ୍ଜୀକୃତ ହୋଇଥିବା ମୋଟ୍ ୭୨ଟି ଅଭିଯୋଗ ମଧ୍ୟରେ ୬୬ଟି ବ୍ୟକ୍ତିଗତ, ୪ଟି ସାମୂହିକ ଅଭିଯୋଗ ରହିଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୨ଜଣ ଅବେଦନ କରିଥିଲେ। ୫୮ ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇଥିଲା। ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଏଲ୍. ଦିବ୍ୟା ଭି., ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ହକି ଅଭ୍ୟାସ ପାଇଁ ସ୍ୱତନ୍ତ୍ର ପଡ଼ିଆ



ଜାତୀୟ କ୍ରୀଡ଼ା ଦିବସରେ ଜିଲାପାଳଙ୍କ ଗହଣରେ କୃତୀ ହକି ଖେଳାଳିଙ୍କ ସମେତ ଅନ୍ୟମାନେ।

■୧୦ ଲକ୍ଷ ଟଙ୍କାର ଟେଣ୍ଡର
■ଉପକୃତ ହେବେ କ୍ରୀଡ଼ାବିତ୍

**ଢେଙ୍କାନାଳ ଅଫିସ, ୨୯।୮**

ଢେଙ୍କାନାଳର ପ୍ରତିଭାବାନ ହକି ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ୟମ ଜାରି ରହିଛି। ସେମାନଙ୍କ ନିୟମିତ ପ୍ରଶିକ୍ଷଣ ପାଇଁ ସହର ଭିତରେ ଏକ ଖେଳପଡ଼ିଆକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯିବ। ଏଥିଲାଗି ପୌରସଂସ୍ଥା ପକ୍ଷରୁ ୧୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି। ଏହି ଅର୍ଥ ବିନିମୟରେ ଖେଳପଡ଼ିଆକୁ ବିକଶିତ କରାଯିବ, ଯଦ୍ୱାରା ଖେଳାଳିମାନେ ବିନା ବାଧାବିଘ୍ନରେ ପ୍ରଶିକ୍ଷଣ କରିପାରିବେ ବୋଲି କହିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ସ୍ଥାନୀୟ ମିନି ଷ୍ଟାଡିୟମରେ ସୋମବାର ଆୟୋଜିତ ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି ସୂଚନା ଦେଇଛନ୍ତି।

ଢେଙ୍କାନାଳ ଜିଲା ପ୍ରଶାସନ, ହକି ସଂଘ ଓ ସାଇ କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଉପସ୍ଥିତ ଥିଲେ। ପୂର୍ବତନ ହକି ଖେଳାଳି ଅଭୟ କୁମାର ରାଉତ, କୋଚ୍ ବାବୁଲା ପ୍ରସାଦ ମହାନ୍ତି ଏବଂ ମ୍ୟାନେଜର ସାଇ ପ୍ରସାଦ ଦଳେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଉପଲକ୍ଷେ ହକି ଖେଳାଳିଙ୍କୁ ନେଇ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଜଙ୍ଗିରା ଓ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିବାବେଳେ ଜଙ୍ଗିରା ଚାମ୍ପିୟନ ହୋଇଥିଲା। ଚଳିତ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଟାଟା ନାଭାଲ ହକି ଗ୍ରାସରୁଟ୍ ଲିଗ୍-୨୦୨୨ରେ ରନର୍ସ ଅପ୍ ହୋଇଥିବା ଢେଙ୍କାନାଳ ଦଳର ସମସ୍ତ ୧୮ ଖେଳାଳିଙ୍କୁ ନୂଆ ହକିଷ୍ଟିକ୍ ପ୍ରଦାନ କରାଯାଇଥିଲା। ହକି, କୁସ୍ତି, ଭାରୋତ୍ତଳନ, ଦୌଡ଼କୁଦ ବିଭାଗର ଶତାଧିକ ବାଳିକାବାଳକ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଢେଙ୍କାନାଳ ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିରଞ୍ଜନ ପରିଡା, ପୂର୍ବତନ ହକି ଖେଳାଳି ପ୍ରେମାନନ୍ଦ ବିହାରୀ, ସ୍ୱପ୍ନେଶ୍ୱର ନାୟକ, କୁସ୍ତି କୋଚ୍ ସୁରିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି ପରିଚାଳନା କରିଥିଲେ। ସେହିପରି ସାଇ ପ୍ରଶିକ୍ଷଣ କେନ୍ଦ୍ର କୁସ୍ତି ଖେଳାଳିଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା କୁସ୍ତି ସଂଘ ଯୁଗ୍ମ ସମ୍ପାଦକ ସ୍ୱପ୍ନେଶ୍ୱର ନାୟକ, ଅକ୍ଷୟ ରାଉତ, ନିରଞ୍ଜନ ପଣ୍ଡା, ଓଡ଼ାପଡ଼ା ବ୍ଲକ ସିମିଳଇ ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ




ଟୁର୍ନାମେଣ୍ଟ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୯।୮**

ଢେଙ୍କାନାଳ ଇନ୍‌ଡୋର ଷ୍ଟାଡିୟମ୍‌ରେ ସୋମବାରଠାରୁ ଆରମ୍ଭ ହୋଇଛି ୩ଦିନିଆ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ। ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ଏହାର ଆୟୋଜନ କରାଯାଉଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଗଙ୍ଗାଧର ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଢେଙ୍କାନାଳର ଏକ ସ୍ପୋର୍ଟସ ଏକାଡେମୀର ଆବଶ୍ୟକତା ରହିଛି। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଉଦ୍ୟମ ହେଲେ ଏହା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଆସୋସିଏଶନ ସଭାପତି ମଳୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଉପସ୍ଥିତ ଥିଲେ। ସମ୍ପାଦକ ଟଙ୍କଧର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲେ। ୯ରୁ ୧୭ବର୍ଷ ବର୍ଗର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ମ୍ୟାଚ୍ ଅନୁଷ୍ଠିତ ହେଉଛି। ଶ୍ରେଷ୍ଠ ପ୍ରତିଯୋଗୀମାନେ ରାଜ୍ୟସ୍ତରକୁ ଚୟନ ହେବେ ବୋଲି ସୂଚନା ଦିଆଯାଇଛି। ଜିତେନ୍ଦ୍ର ଦାସ, ତାରିଣୀ ପ୍ରସାଦ ମାଝି, ଅମିତ ରଞ୍ଜନ ଶତପଥୀ, କରୁଣାକର ବେହେରା, ମୟଙ୍କ ପଟ୍ଟନାୟକ ପ୍ରମୁଖ ପ୍ରତିଯୋଗିତାର ପରିଚାଳନା କରିଥିଲେ।

# ଶିକ୍ଷକ ନିଯୁକ୍ତି ଦାବି



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

**ରାସୋଳ, ୨୯।୮(ଡି.ଏନ୍.ଏ.)**

■ଡେପୁଟେଶନରେ ଆସିବେ ୩ ଶିକ୍ଷକ
■ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

ହିନ୍ଦୋଳ ବ୍ଲକ ଅନ୍ତର୍ଗତ କାରନ୍ଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ହେଲା ଶିକ୍ଷକ ଅଭାବ ସମସ୍ୟା ଲାଗିରହିଛି। ବାରମ୍ବାର ଦାବିସତ୍ତ୍ୱେ ଶିକ୍ଷା ବିଭାଗ ଶିକ୍ଷକଙ୍କୁ ନିଯୁକ୍ତି ଦେଉ ନ ଥିବାରୁ ଏହାର ପ୍ରତିବାଦରେ ସୋମବାର ତାତିଛନ୍ତି ଅଭିଭାବକ। ଗ୍ରାମର ଶତାଧିକ ମହିଳାପୁରୁଷ ଢେଙ୍କାନାଳ-ହିନ୍ଦୋଳ ମୁଖ୍ୟରାସ୍ତାକୁ ୩ଘଣ୍ଟା ଧରି ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଶିକ୍ଷା ବିଭାଗର କୌଣସି ଅଧିକାରୀ ନ ପହଞ୍ଚିବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ସହକାରୀ ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଶିକ୍ଷକ ନିଯୁକ୍ତି ନେଇ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

ଅଭିଯୋଗ ଅନୁଯାୟୀ, ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୦୨ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଶିକ୍ଷାଦାନ ପାଇଁ ନିଯୁକ୍ତ ୭ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରୁ ୨ଜଣ ଦୀର୍ଘଦିନ ହେଲା ଛୁଟିରେ ଥିବାବେଳେ ଜଣେ ଡେପୁଟେଶନରେ ଅଛନ୍ତି। ଅନ୍ୟ ଜଣେ ଶିକ୍ଷକ ଦୃଷ୍ଟିହୀନ। ଜଣେ ଶିକ୍ଷୟିତ୍ରୀଙ୍କ ସନ୍ତାନ ଶାରୀରିକ ଅସୁସ୍ଥ ଥିବାରୁ ସେ ତାଙ୍କୁ ସାଙ୍ଗରେ ନେଇ ଆସୁଛନ୍ତି। ଛୁଆ ପାଇଁ ଠିକ୍ ଭାବେ ଶିକ୍ଷାଦାନ କରିପାରୁନାହାନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କେହି ଧ୍ୟାନ ଦେଉନାହାନ୍ତି। ତେଣୁ ସୋମବାର ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। ରାସୋଳ ଥାନା ଅଧିକାରୀ ବିଜୟ କୁମାର ହାଇବ୍ରୁ ସଦଳବଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ତେବେ ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଡ଼ିବସିବା ସହ ପୋଲିସ ସହ ଯୁକ୍ତିତର୍କ କରିଥିଲେ। ସ୍ଥିତି ବିଗିଡ଼ିବାରୁ ସହକାରୀ ବ୍ଲକ ଶିକ୍ଷାଧିକାରୀ ସଞ୍ଜୟ ନାୟକ ପହଞ୍ଚି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ୩ ଶିକ୍ଷକଙ୍କୁ ଡେପୁଟେଶନରେ ନିୟୋଜିତ କରିବା ଲାଗି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ମେଧାବୀଙ୍କୁ ସମ୍ବର୍ଦ୍ଧନା

**ସାତମାଇଲ, ୨୯।୮(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ରବିବାର ମାଟ୍ରିକ, ଯୁକ୍ତ୨, ଯୁକ୍ତ ୩ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ହିନ୍ଦୋଳ କଲ୍ୟାଣ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଗଠନ ଉପସଭାପତି ପ୍ରବୋଧ ପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଭାପତି ଉମାଚରଣ ମିଶ୍ର, ମୁଖ୍ୟବକ୍ତା ଅନୁଗୋଳ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର, ସମ୍ମାନିତ ଅତିଥି ଜନତା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ମିଶ୍ର ଯୋଗଦେଇ ସମସ୍ତ ମେଧାବୀ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ 'ଭାରତର ନୂତନ ଶିକ୍ଷାନୀତି' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୂଲ୍ୟବୋଧଭିତ୍ତିକ ଓ ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ସଫଳତା ଆଡ଼କୁ ନେଇଯିବ। ତେଣୁ କେବଳ ଧରାବନ୍ଧା ପାଠପଢ଼ା ଭିତରେ ସୀମିତ ନ ରହି ଆତ୍ମସ୍ୱାବଲମ୍ବୀ ହେବା ଲାଗି ଉଦ୍ୟମ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ସମ୍ପାଦକ ବିରଞ୍ଚି ନାରାୟଣ ନାୟକ, ସଦସ୍ୟ ରତିକାନ୍ତ ଗଡ଼ନାୟକ, ରମେଶ ଚନ୍ଦ୍ର ମିଶ୍ର, ଦିଲୀପ ଦାଶ, ବିଜୟ ସାହୁ, ମଙ୍ଗରାଜ ପ୍ରଧାନ, ବୀରେନ୍ଦ୍ର ବେହେରା, ଶଙ୍କର୍ଷଣ ପାଳ, ଅକ୍ଷୟ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ହିନ୍ଦୋଳ କଲ୍ୟାଣ ସଙ୍ଗଠନ ପକ୍ଷରୁ ଅଞ୍ଚଳର ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବର୍ଷ ତମାମ ଏଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଭଳି ପଦକ୍ଷେପକୁ ଅତିଥିବୃନ୍ଦ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାକୁ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

# ଶିକ୍ଷିତ, ସ୍ୱାବଲମ୍ବୀ ହେବାକୁ ଆହ୍ୱାନ




କାର୍ଯ୍ୟକ୍ରମରେ ଇନରହ୍ୱିଲ କ୍ଲବର କାର୍ଯ୍ୟକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୯।୮**

ଢେଙ୍କାନାଳ ଇନରହ୍ୱିଲ କ୍ଲବର ୩୮ତମ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ରୋଟାରି ଭବନ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଯୋଗଦେଇ ମହିଳାଙ୍କୁ ଶିକ୍ଷିତ ଓ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଅସହାୟ ମହିଳାଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ଲବର ପୂର୍ବତନ ଚେୟାରମ୍ୟାନ ଅନିତା ପତି, ନଳିନୀ ମହାପାତ୍ର, କ୍ରିଷ୍ଣା ମହାନ୍ତି ପ୍ରମୁଖ ଯୋଗଦେଇ କ୍ଲବର ଉତ୍ତରଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଷ୍ଟାଫ୍ ନର୍ସ ବସନ୍ତ କୁମାରୀ ଦେଈ, ପର୍ବତାରୋହୀ ପ୍ରବାସିନୀ ବେହେରା, ସାମାଜିକ କର୍ମୀ ଜେନିଫର ପଲ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଧାବୀ ଛାତ୍ରୀ ସ୍ୱାଗତିକା କରଙ୍କ ପାଠପଢ଼ା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କ୍ଲବର ପୂର୍ବତନ ସଭାନେତ୍ରୀ ଅପର୍ଣ୍ଣା ରଥ ନୂତନ ସଭାନେତ୍ରୀ ଅର୍ଚ୍ଚନା ମହାପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ଉପସଭାନେତ୍ରୀ କିରଣ ଅଗ୍ରୱାଲ, ସମ୍ପାଦିକା ଈଶ୍ୱରୀ ଝାୱର, କୋଷାଧ୍ୟକ୍ଷା ଶ୍ରଦ୍ଧା ଅଗ୍ରୱାଲ, ଆଇଏସ୍‌ଓ ଶାଶ୍ୱତୀ ଦାସଗୁପ୍ତା, ବୁଲେଟିନ ସମ୍ପାଦିକା ତୃପ୍ତି ନନ୍ଦଙ୍କୁ ସ୍ୱାଗତ କରାଯାଇଥିଲା। ନୂତନ ସଦସ୍ୟା ଅଳକା ସିଂଦେଓ, ଉଷା ଅଗ୍ରୱାଲ, ଦୀପ୍ତିମୟୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ଝାୱର ଆଗାମୀ ବର୍ଷର କାର୍ଯ୍ୟାବଳୀ ଉପସ୍ଥାପନ କରିଥିବାବେଳେ ବରିଷ୍ଠ ସଦସ୍ୟା ଅମିତା ଜୟସ୍ୱାଲ ପୂର୍ବ ବିବରଣୀ ପାଠ କରିଥିଲେ। ରୋଟାରି କ୍ଲବ ସଭାପତି ଦେବବ୍ରତ ଭଞ୍ଜ ଅତିଥିଙ୍କୁ ଉପହାର ପ୍ରଦାନ କରିଥିବାବେଳେ କିରଣ ଅଗ୍ରୱାଲ ଧନ୍ୟବାଦ ପ୍ରଦାନ କରିଥିଲେ। ମଧୁଛନ୍ଦା ସାହୁ, ଆଇ. ରୂପାରାଣୀ, ଚନ୍ଦ୍ରିକା ସିଂଦେଓ, ରୋଜାଲିନ ସ୍ୱାଇଁ, ଗୀତାଞ୍ଜଳି ନନ୍ଦ, ପ୍ରୋତିମା ସିହ୍ନା, ରିତିକା ଅନୁଭୂତି, ରକ୍ଷା ସରୋଗୀ, ଅନସୂୟା ଭୂତିଆ, ରୋଟାରି ଲେଟ୍ ଆହାନା ଓ ଇସିକା ପ୍ରମୁଖ ସହଯୋଗ କରିଥିଲେ।

# ସଙ୍ଗଠନକୁ ସୁଦୃଢ଼ କରିବାକୁ ସଂକଳ୍ପ

**ଢେଙ୍କାନାଳ ଅଫିସ, ୨୯।୮**



ଢେଙ୍କାନାଳ ଜିଲାରେ ଭାଜପା ମହିଳା ମୋର୍ଚ୍ଚା ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ଲାଗି ଆରମ୍ଭ ହୋଇଛି ଉଦ୍ୟମ। ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ମମତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା ପଦାଧିକାରୀଙ୍କୁ ନେଇ ଏକ ବୈଠକ ଦଳୀୟ ଜିଲା କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ ଯଶସ୍ୱିନୀ ରାଉତ, ଜିଲା ସମ୍ପାଦିକା ରୁନୁବାଳା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ମୋର୍ଚ୍ଚା ସଙ୍ଗଠନକୁ ଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ। ଉପସଭାନେତ୍ରୀ ସବିତା ନାଏକ, ସାଧାରଣ ସମ୍ପାଦିକା ସସ୍ମିତା ସାମଲ, ସମ୍ପାଦିକା ଦମୟନ୍ତୀ ପାଣି, ମଧୁସ୍ମିତା ପୁହାଣ, ଉଲି ନାୟକ, ସୁନୀତା ନାଥ, ପ୍ରଣତି ସାହୁ, କଳ୍ପନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାବିତ୍ ପ୍ରମୋଦ ମହାପାତ୍ରଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୨୯।୮**



ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ପ୍ରମୋଦ ମହାପାତ୍ର (୮୭)ଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଅନ୍ତିମ ସମୟରେ ସ୍ତ୍ରୀ ମଞ୍ଜୁଳା ମହାପାତ୍ର, ପୁତ୍ର ଡା. ଶିତିକାନ୍ତ ମହାପାତ୍ର, ସତ୍ୟଜିତ୍ ମହାପାତ୍ର, ପୁତ୍ରବଧୂ ଡା. କାଞ୍ଚନ ଶ୍ରୀବାସ୍ତବ, ଶାମୁକା ମହାପାତ୍ର, କନ୍ୟା ରାଜଶ୍ରୀ ମହାପାତ୍ର, ଜୟନ୍ତୀ ମହାପାତ୍ର, ଶୁଭଶ୍ରୀ ମହାପାତ୍ର, ଜ୍ୱାଇଁ ଶ୍ରୀମନ୍ତ ପଣ୍ଡା, ଶଶାଙ୍କ ମହାପାତ୍ର, ଶୈଳେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜଣେ ସୁସାହିତ୍ୟିକ ଭାବେ ପ୍ରମୋଦ ଯେତିକି ପରିଚିତ ଜଣେ ଶିକ୍ଷାବିତ୍ ଭାବେ ସେତିକି ଚର୍ଚ୍ଚିତ। ସେ କରଞ୍ଜିଆରୁ ଶିକ୍ଷକତା ଆରମ୍ଭ କରିଥିଲେ। ବିଭିନ୍ନ ସମୟରେ ଡି.ଏମ୍. ହାଇସ୍କୁଲ କେନ୍ଦୁଝର, ସମ୍ବଲପୁର ଜିଲା ସ୍କୁଲ, ଢେଙ୍କାନାଳ ବି.ବି. ହାଇସ୍କୁଲ, କଟକ ରେଭେନ୍‌ଶା କଲିଜିଏଟ୍ ସ୍କୁଲ, ମାଛକୁଣ୍ଡ ହାଇସ୍କୁଲ, ଛେଣ୍ଡିପଦା ସିଟି ସ୍କୁଲ, ଢେଙ୍କାନାଳ ସଦର ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଗଣିତ, ଭୂଗୋଳରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ତାଙ୍କର ଅନେକ ଲେଖା 'ମିନାବଜାର', 'ଟୁଆଁଟୁଇଁ', 'ମନପସନ୍ଦ' ପତ୍ରିକାରେ ସ୍ଥାନ ପାଇଥିଲା। ସୂଚନା ପାଇ କବୟିତ୍ରୀ ପ୍ରବାସିନୀ ମହାକୁଡ, ଧନେଶ୍ୱର ସାହୁ, କବି ମନୋରଞ୍ଜନ ନନ୍ଦ, ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ପୁଷ୍ପଲତା ରଥ, ପ୍ରାଧ୍ୟାପକ ଅଟଳ ବିହାରୀ ଦାସ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ୍ ତାରାପ୍ରସନ୍ନ ଶତପଥୀ, ଡ. ନିର୍ମଳ ସୁନ୍ଦର ମିଶ୍ର, ପୁଷ୍ପାଞ୍ଜଳି ଜେନା, ରାମଚନ୍ଦ୍ର ପାତ୍ର, ଡ. ଦେବୀ ପ୍ରସାଦ ମିଶ୍ର, ମନୋରମା ସିଂ, ଦେବାଶିଷ ହୋତା, ଜ୍ଞାନଚାନ୍ଦ ମିଶ୍ର, କାଉନସିଲର ଅଭିମନ୍ୟୁ ପଣ୍ଡା ପ୍ରମୁଖ ବାସଭବନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୋମବାର ମରଶରୀରକୁ ଶୋଭାଯାତ୍ରାରେ ବିବି ହାଇସ୍କୁଲକୁ ନିଆଯାଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ନବାନ୍ନରେ ଉତ୍ସବମୁଖର ଯୋରନ୍ଦା

**ଢେଙ୍କାନାଳ ଅଫିସ, ୨୯।୮**



ସାଧୁସନ୍ଥ ଏବଂ ମହିମା ଧର୍ମାବଲମ୍ବୀମାନେ ନବାନ୍ନ ଭକ୍ଷଣ କରୁଛନ୍ତି।

■ସାମିଲ ହେଲେ ରାଜ୍ୟବାହାର ସାଧୁସନ୍ଥ
■ବିଶ୍ୱକଲ୍ୟାଣ କାମନା କରି ସାମୂହିକ ପ୍ରାର୍ଥନା

ଦୀର୍ଘ ୨ବର୍ଷ ପରେ ମହିମା ଧର୍ମର ପ୍ରମୁଖ ପୀଠ ଯୋରନ୍ଦା ମହିମାଗାଦିରେ ଅନୁଷ୍ଠିତ ହୋଇଛି ସାମୂହିକ ନବାନ୍ନ କାର୍ଯ୍ୟକ୍ରମ। ମାଘମେଳା ପରେ ଏହି ଦ୍ୱିତୀୟ ପ୍ରସଦ୍ଧ ଗଣପର୍ବକୁ ନେଇ ମହିମା ଧର୍ମାବଲମ୍ବୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଦେଇଥିବାବେଳେ ଏଥିରେ ସାମିଲ ହୋଇଥିଲେ ଓଡ଼ିଶା ସମେତ ରାଜ୍ୟ ବାହାରର ସହସ୍ରାଧିକ ସାଧୁସନ୍ଥ।

ନବାନ୍ନ ଉପଲକ୍ଷେ ପ୍ରାତଃ ସମୟରୁ ପୀଠରେ ଆବଶ୍ୟକ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ନୂଆ ଧାନରୁ ପ୍ରସ୍ତୁତ ଚୁଡ଼ା, ଗୁଡ଼ ନଡ଼ିଆ, କଦଳୀ, କ୍ଷୀର, ଦହି, କାଜୁ, କିସ୍‌ମିସ୍, ମହୁ ସମେତ ବିଭିନ୍ନ ପ୍ରକାର ପାଚିଲା ଫଳ ମିଶ୍ରଣରେ ପ୍ରସ୍ତୁତ ହୋଇଥିଲା ନବାନ୍ନ। ୭ଟି ନୂତନ ମାଟିହାଣ୍ଡିରେ ଏହାକୁ ମହିମା ଗୋସାଇଁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିଲା। ସାଧୁସନ୍ଥମାନେ ବିଶ୍ୱମଙ୍ଗଳ କାମନା କରିବା ସହ ପୃଥିବୀ ଶସ୍ୟଶ୍ୟାମଳା ହେଉ ବୋଲି ପ୍ରାର୍ଥନା କରିଥିଲେ। ପୂର୍ବାହ୍ନ ୯ଟାରେ ଭିକ୍ଷା ମଣ୍ଡପରେ ସାମୂହିକ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସତ୍ୟ ମହିମା ଧର୍ମଧାମ ପରିଚାଳନା ପରିଷଦର ବାବା ନିତ୍ୟାନନ୍ଦ ଦାସ, ବାବା ଅନାମ ଦାସ, ବାବା ନଟବର ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି କୌପିନଧାରୀ ମହିମା ସମାଜ ପକ୍ଷରୁ ରଘୁନାଥ ବାବାଙ୍କ ତତ୍ତ୍ୱାବଧାନରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କରୁଣାକର ବାବା, ସୁକାନ୍ତ ବାବା, ବୀଣାକାର ବାବା ପ୍ରମୁଖ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ୧୯୪୨ରୁ ପ୍ରତିବର୍ଷ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହିମା ଗାଦିରେ ନବାନ୍ନ ମହୋତ୍ସବ ପାଳିତ ହୋଇଆସୁଛି। ଆଠଗଡ ଅଞ୍ଚଳର ଭୋଇ ପରିବାର ପକ୍ଷରୁ ଏଥିପାଇଁ ନୂଆ ଚୂଡ଼ା ଯୋଗାଇ ଦିଆଯାଇଥାଏ। କରୋନା କଟକଣା ପାଇଁ ୨ବର୍ଷ ହେଲା ଏହି ଉତ୍ସବ କେବଳ ବିଧି ପାଳନରେ ସୀମିତ ଥିଲା। ଚଳିତ ବର୍ଷ ଭୂତାଣୁ ଆତଙ୍କ ସେତେଟା ନ ଥିବାରୁ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆସାମ ଆଦି ରାଜ୍ୟର ବହୁ ସାଧୁସନ୍ନ୍ୟାସୀଙ୍କ ସମାଗମ ହୋଇଥିଲା।

